ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US ON TWITTER
twitter.com/paryabekhyak

Vol.25 . No.94 Bhubaneswar Tuesday May 24 2022 | ୨୫ତମ ବର୍ଷ ସଂଖ୍ୟା-୯୪ ଭୁବନେଶ୍ୱର, ମଙ୍ଗଳବାର, ମଇ ୨୪, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ସମସ୍ତଙ୍କୁ ସାଥୀରେ ନେଇ ଗାଁରୁ ସହର ପର୍ଯ୍ୟନ୍ତ କଂଗ୍ରେସ ଦଳକୁ ମଜବୁତ କରିବୁ :ଶରତ ପଟ୍ଟନାୟକ

## ଶରତ ପଟ୍ଟନାୟକ ନୂଆ ପିସିସି ସଭାପତି



ଭୁବନେଶ୍ୱର, ୨୩।୫(ପି.ଏନ): ବରିଷ୍ଠ କଂଗ୍ରେସ ନେତା ଶରତ ପଟ୍ଟନାୟକ ହେଲେ ଓଡ଼ିଶା ପିସିସିର ନୂଆ ସଭାପତି। ଏଆଇସିସି ପକ୍ଷରୁ ଏନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା ବ୍ୟତୀତ ପୂର୍ବତନ ପିସିସି ସଭାପତି ନିରଂଜନ ପଟ୍ଟନାୟକଙ୍କ ଇସ୍ତଫା ଗୃହୀତ ହୋଇଥିବା ମଧ୍ୟ ଏଆଇସିସି ସୂଚନା ଦେଇଛି। ଏହାସହ ଜଣେ ବିଧାୟକ ପିସିସି ସଭାପତି ହେବା ନେଇ ଚାଲିଥିବା ଚର୍ଚ୍ଚାର ଅନ୍ତ ଘଟିଛି। ଦ୍ୱିତୀୟଥର ପାଇଁ ପିସିସି ସଭାପତି ହୋଇଛନ୍ତି ଶରତ ପଟ୍ଟନାୟକ । ପୂର୍ବରୁ ୨୦୦୧ରୁ ୨୦୦୪ ପର୍ଯ୍ୟନ୍ତ ଓଡିଶାର ପିସିସି ସଭାପତି ଦାୟିତ୍ୱରେ ଥିଲେ ଶରତ ପଟ୍ଟନାୟକ ।ଅପରପକ୍ଷରେ ନୂଆ ଦାୟିତ୍ୱ ମିଳିବା ପରେ ନବ ନିଯୁକ୍ତ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବାରୁ ସେ ଶ୍ରୀମତୀ ସୋନିଆ ଗାନ୍ଧି ଓ ରାହୁଲ ଗାନ୍ଧିଙ୍କ ନିକଟରେ ଋଣୀ। ଯେଉଁ ଦାୟିତ୍ୱ ମିଳିଛି ସେ ତାହାକୁ ସୁଚାରୁ ରୂପେ ତୁଲାଇବାକୁ ପ୍ରଚେଷ୍ଟା କରିବେ। ଆଗାମୀ ଦିନରେ ଓଡିଶାରେ କଂଗ୍ରେସର ସଂଗଠନକୁ ମଜବୁତ କରାଯିବ। ବ୍ରଜରାଜନଗର ଉପନିର୍ବାଚନ ପରେ ୨୦୨୪ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି କରିବୁ। କଂଗ୍ରେସ କର୍ମୀ , ନେତା ଓ ଓଡିଶାର ଜନସାଧାରଣଙ୍କ ଆଶୀର୍ବାଦ ନେଇ ସମସ୍ତଙ୍କୁ ସାଥିରେ ନେଇ ବିଜେଡି -ବିଜେପି ବିରୁଦ୍ଧରେ ଲଢେଇ ଆରମ୍ଭ ହେବ ବୋଲି କହିଛନ୍ତି ଶ୍ରୀ ପଟ୍ଟନାୟକ। ସେହିପରି ଜଣେ ବିଧାୟକ ପିସିସି ସଭାପତି ହେବା ପ୍ରସଙ୍ଗ ଉପରେ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ ଏହା ଆମ କଂଗ୍ରେସ ପରିବାରର କଥା। ଆମେ ଆଲୋଚନା କରି ନିଷ୍ପତି ନେବୁ। ଦଳରେ କୌଣସି ନେତା ଅସନ୍ତୁଷ୍ଟ ନୁହେଁ। ହାଇକମାଣ୍ଡ ଯାହା ନିଷ୍ପତି ନେବେ ଆମେ ସମସ୍ତେ ମାନିବୁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଶ୍ରୀ ପଟ୍ଟନାୟକ ସମ୍ବଲପୁରର ଗଙ୍ଗାଧର ମେହେର କଲେଜ, ଆଇନ ମହାବିଦ୍ୟାଳୟରୁ ଛାତ୍ର ରାଜନୀତିରୁ ନିଜର ରାଜନୈତିକ ଯାତ୍ରା ଆରମ୍ଭ କରି ଯୁବକଂଗ୍ରେସ ସଭାପତି ଦୁଇଥର ବଲାଙ୍ଗିର ଲୋକସଭା ସାଂସଦ ସହ ପ୍ରଦେଶ କଂଗ୍ରେସ ମୁଖିଆ ଭାବେ ଏକ ଲମ୍ବା ରାସ୍ତାରେ ଅନେକ ଅନୁକୁଳ ପ୍ରତିକୁଳ ପରିସ୍ଥିତିର ସାମ୍ନା କରି ନିଜର ବଳିଷ୍ଠ ନେତୃତ୍ୱର ପରାକାଷ୍ଠା ପ୍ରଦାନ କରିଛନ୍ତି। ଦ୍ୱିତୀୟ ଥର କଂଗ୍ରେସ ଉଚ୍ଚ କର୍ତ୍ତୃପକ୍ଷ ତାଙ୍କୁ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଓଡ଼ିଶା କଂଗ୍ରେସର ପୁନର୍ବାର ସଭାପତି ପଦରେ ନିଯୁକ୍ତି କରି ଅଗଣିତ କଂଗ୍ରେସ କର୍ମୀ ନେତୃବୃନ୍ଦ ତଥା ସାଧାରଣ ଜନସାଧାରଣଙ୍କ ମନରେ ଏକ ନୂତନ ଆଶା ଓ ଭରସାର ସମ୍ଭାବନା ସୃଷ୍ଟି କରିଛନ୍ତି। ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା କଂଗ୍ରେସ ଆଗାମୀ ଦିନରେ ସାଧାରଣ ଜନତାଙ୍କ ବିଶ୍ୱାସଭାଜନ ହୋଇପାରିବ ବୋଲି ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି।

### କଲିକତା : ବିମାନ ବନ୍ଦରରେ ଇଡ଼ି ୧.୫୩ କୋଟି ଟଙ୍କା ମୂଲ୍ୟର ବିଦେଶୀ ମୁଦ୍ରା ଜବତ କଲା

କଲିକତା, ୨୩।୫(ପି.ଏନ): କେନ୍ଦ୍ରୀୟ ଏନଫୋର୍ସମେଂଟ ନିର୍ଦ୍ଦେଶାଳୟ (ଇଡ଼ି) ଦମ୍ ଦମ୍ ବିମାନ ବନ୍ଦରରେ ୧.୫୩ କୋଟି ଟଙ୍କା ମୂଲ୍ୟର ବିଦେଶୀ ମୁଦ୍ରା ଜବତ କରିଛି। ଫେମା ଅଧିନରେ ବିଦେଶୀ ମୁଦ୍ରା ଜବତ କରି ଅଭିଯୁକ୍ତ ଗିରଫ କରାଯାଇ ପଚରାଉଚୁରା କରାଯାଇଛି ।ଦମ୍ ଦମ୍ ବିମାନବନ୍ଦରରେ ପୋଷ୍ଟ କରାଯାଇଥିବା କଷ୍ଟମ୍ ଅଧିକାରୀଙ୍କ ସୂଚନା ଉପରେ ଦମ୍ ଦମ୍ ବିମାନବନ୍ଦରରେ ଜଣେ ବ୍ୟକ୍ତିଙ୍କ ନିକଟରୁ ବହୁ ସଂଖ୍ୟକ ବିଦେଶୀ ମୁଦ୍ରା ଉଦ୍ଧାର କରାଯାଇଛି ବୋଲି ଇଡ଼ି ସୋମବାର ଏକ ବିବୃତି ଜାରି କରିଛି।

## ନବ ନିଯୁକ୍ତ ପିସିସି ସଭାପତିଙ୍କୁ ପିସିସି କିଷାନ କଂଗ୍ରେସର ଅଭିନନ୍ଦନ

ଭୁବନେଶ୍ୱର, ୨୩।୫(ପି.ଏନ): ଦେଶ ଓ ରାଜ୍ୟରେ ବିଜେପି ଓ ବିଜେଡ଼ି ଶାସନରେ ଯେପରି ଅରାଜକତା, କୃଷକ ଓ ବେକାରୀ ସମସ୍ୟା, ଦରଦାମ ବୃଦ୍ଧି, ଋଣଭାର ସାଧାରଣ ଲୋକଙ୍କୁ ଅତିଷ୍ଠ କଲାଣି। ଏଭଳି ଏକ ସଙ୍ଗିନ ପରିସ୍ଥିତିରେ ବିରୋଧୀ ଦଳ ହିସାବରେ କଂଗ୍ରେସ ଦଳ ଏକ ବଳିଷ୍ଠ ପଦକ୍ଷେପ ନେବା ପାଇଁ ଅଖିଳ ଭାରତ କଂଗ୍ରେସ କମିଟି ସଭାନେତ୍ରୀ ସୋନିଆ ଗାନ୍ଧୀ ଓଡ଼ିଶାର ଜଣେ ସୁ ପରିଚିତ ଓ ଶୃଙ୍ଖଳିତ ବରିଷ୍ଠ କଂଗ୍ରେସ ନେତା, ପୂର୍ବତନ ଛାତ୍ର, ଯୁବ ଓ ପ୍ରଦେଶ କଂଗ୍ରେସ କମିଟି ସଭାପତି ତଥା ପୂର୍ବତନ ସାଂସଦ ଶରତ ପଟ୍ଟନାୟକଙ୍କୁ ପୁନରାୟ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭାବେ ନିଯୁକ୍ତି ପ୍ରଦାନ କରିଥିବା ହେତୁ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ସମସ୍ତ ଉପାଧ୍ୟକ୍ଷ, ସାଧାରଣ ସମ୍ପାଦକ, ସମ୍ପାଦକ, ସମସ୍ତ ଜିଲ୍ଲା କିଷାନ କଂଗ୍ରେସ ସଭାପତି ଶ୍ରୀ ପଟ୍ଟନାୟକଙ୍କୁ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଦଳର ସର୍ବୋଚ୍ଚ ସଭାନେତ୍ରୀ ଶ୍ରୀମତୀ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ବର୍ଷିଲା ବର୍ଷାଙ୍କ ଫ୍ୟାନ କ୍ଲବ, ୬ ବର୍ଷ ହେବ ଛୁଇଁ ନଥିବେ କେମିତି ?



ଭୁବନେଶ୍ୱର, ୨୩।୫(ପି.ଏନ): ପତ୍ନୀ ବର୍ଷାଙ୍କ ବିରୋଧରେ ସ୍ୱାମୀ ଅନୁଭବ ଛାଡିଥିବା ଭିଡିଓ ବାଣ ଏବେ ସୋଶାଲ ମିଡିଆରେ ନିଆଁ ଜାଳୁଛି। ଲଗାତାର ଦୁଇଟି ଭିଡିଓ ଛାଡି ଅନେକ ଅକୁହା କଥାକୁ ପଦାରେ ପକାଇଥିବା ଅନୁଭବଙ୍କୁ କାଉଣ୍ଟର କରିଛନ୍ତି ବର୍ଷାଙ୍କ ଫ୍ୟାନ୍ । ଉଭୟଙ୍କ ବିବାଦକୁ ଧସେଇ ପଶିଛି ବର୍ଷାଙ୍କ ଫ୍ୟାନ କ୍ଲବ୍। ଇନଷ୍ଟାଗ୍ରାମରେ ବର୍ଷା ପ୍ରିୟଦର୍ଶିନୀ ଫ୍ୟାନ୍ସ ଲଭ୍ ନାମକ ଆକାଉଣ୍ଟରୁ ଅନୁଭବଙ୍କୁ କରାଯାଇଛି ପାଲଟା ଆକ୍ରମଣ। ବାହାଘରର ୬ ବର୍ଷ ମଧ୍ୟରେ ବର୍ଷା କେବେ ତାଙ୍କୁ ଛୁଇଁବାକୁ ଅନୁମତି ଦେଇ ନଥିବା ଅଭିଯୋଗ କରିଥିଲେ ଅନୁଭବ।ହେଲେ ଏହା କେମିତି ସମ୍ଭବ ବୋଲି ବର୍ଷାଙ୍କ ଫ୍ୟାନ କ୍ଲବ ପ୍ରଶ୍ନ କରିଛି। ଏଥିସହ ବର୍ଷାଙ୍କ ଗୋଟିଏ ଫଟୋ ପୋଷ୍ଟ କରି ଇନଷ୍ଟାଗ୍ରାମରେ ତାଙ୍କ ଫ୍ୟାନ କ୍ଲବ ପକ୍ଷରୁ ଲେଖାଯାଇଛି ଯେ "ଭଲପାଇକି ୬ ବର୍ଷର ବାହାଘର ଓ ୬ ବର୍ଷ ବୈବାହିକ ସଂପର୍କରେ ରହିଲା ପରେ ବି ସ୍ତ୍ରୀ-ସ୍ୱାମୀକୁ ଛୁଇଁବାକୁ ବି ଦେଲାନି ଏହା କେତେ ବିଶ୍ୱାସଯୋଗ୍ୟ ? କେତେ ଗ୍ରହଣୀୟ ? ଯେଉଁ ଭାଇ-ଭଉଣୀ ମାନ୍ୟବରଙ୍କୁ ସମର୍ଥନ କରୁଛନ୍ତି ସେମାନେ ଥରେ ଭାବି ଦେଖନ୍ତୁ ଏଇଟା ପ୍ରାକଟିକାଲି ସମ୍ଭବ କି ? ସ୍ୱାମୀ-ସ୍ତ୍ରୀଙ୍କ ୬ ବର୍ଷର ବୈବାହିକ ଜୀବନରେ ଶାରୀରିବ ସଂପର୍କ ନାହିଁ ଏହା କଣ ବାସ୍ତବରେ କେବେ ସମ୍ଭବ ଜଣେ ପୁରୁଷ ଏମିତି ରହିପାରିବ ନା ଜଣେ ନାରୀ ଏମିତି ରହିପାରିବ ?କୋର୍ଟରେ କେସ ଚାଲିଥିବା ବେଳେ ଏଭଳି ଭିଡିଓ କରି ଲୋକଙ୍କ ଆଗରେ ନିଜର ଇମେଜ୍ ସଜାଡି ତାଙ୍କ(ବର୍ଷା) ଚରିତ୍ର, ମାନସମ୍ମାନ ଓ ନାରୀତ୍ୱରେ କଳଙ୍କ ଲଗାଇବା କେତେ ଦୂର ଗ୍ରହଣୀୟ ? ଭଲପାଇ ଯାହାର ହାତ ଧରି ବାହା ହେଲେ ସ୍ୱାମୀ ତା' ସ୍ତ୍ରୀ ଚରିତ୍ର ଓ ନାରୀତ୍ୱରେ କଳଙ୍କ ଲଗେଇବା କେତେଦୂର ଗ୍ରହଣୀୟ ? ଗୋଟେ ବାପା ଛେଉଣ୍ଡ ଝିଅ ଯାହାର ଭାଇ ନାହିଁ, ଯିଏ ତା ବିଧବା ମା'ଙ୍କୁ ନେଇ ବିବାହ ବିଚ୍ଛେଦର ଲଢ଼େଇ କୋର୍ଟରେ ନୀରବତାର ସହ ଲଢୁଛି ତାକୁ ସମାଜରେ ବଦନାମ କରି ମିଥ୍ୟା ଆରୋପ ଲଗାଇ ବରବାଦ କରିବାର ଷଡଯନ୍ତ୍ର କେତେଦୂର ଗ୍ରହଣୀୟ ନିଜକୁ ନିର୍ଦ୍ଦୋଷ କହୁଥିବା ମଣିଷ କୋର୍ଟରେ ନିଜ ବୟାନ ଓ ପ୍ରମାଣ ରଖି ନ୍ୟାୟିକ ଲଢ଼େଇ ଲଢ଼େଇ ନା ସୋଶାଲ ମିଡିଆରେ କୋର୍ଟ ନ୍ୟାୟ ଦିଏ ନା ସୋଶାଲ ମିଡିଆସ୍ତ୍ରୀ ଯଦି ଏତେ ମାନସିକ ନିର୍ଯାତନା ଦେଉଥିଲା ତେବେ ତାଙ୍କ ସ୍ୱାମୀ ପ୍ରତ୍ୟୁସର ହେବା ପରେ ତାଙ୍କ ସ୍ତ୍ରୀ ତାଙ୍କୁ ସହଯୋଗ କଲେ କେମିତି ? ପ୍ରଚାର ମୈଦାନରେ ସେ ତାଙ୍କ ପାଇଁ ପ୍ରଚାର କରି ସହଯୋଗ କରିଲେ କେମିତି ? ତାଙ୍କ ଗୋଡ ଭାଙ୍ଗିବା ପରେ ରାତି ଦିନ ତାଙ୍କ ସେବା କରି ତାଙ୍କୁ ସୁସ୍ଥ କରି ତାଙ୍କ ହାତ ଧରି ଚାଲିଲେ କେମିତି ? ସ୍ୱାମୀ ଯଦି କହୁଛନ୍ତି ସେ ଏତେ ଖରାପ ତା'ହେଲେ ତାଙ୍କ ସ୍ତ୍ରୀ ଡିଭୋର୍ସ ନ ଦେଇ ରହିବାକୁ ଚାହୁଁଛନ୍ତି କାହିଁକି ? କାରଣ ସେ ଜଣେ ହିନ୍ଦୁ ନାରୀ। ବିବାହ ବିଚ୍ଛେଦ ନୁହେଁ ବରଂ ତାଙ୍କୁ ବାଟକୁ ଆଣି ଏକାଠି ରହିବାକୁ ଚାହିଁଥିଲେ। ଆଜି ସେ ଡିଭୋର୍ସ କେସ ଲଢୁଛନ୍ତି, କାରଣ ତାଙ୍କ ନାଁରେ ତାଙ୍କ ସ୍ୱାମୀ ମିଥ୍ୟା ଆରୋପ ଆଣିଛନ୍ତି। ସେଥିପାଇଁ ସେ ଲଢୁଛନ୍ତି କୋର୍ଟରେ।କ'ଣ ଗୋଟେ ନାରୀର ଅଧିକାର ନାହିଁ ନିଜ ପାଇଁ ନ୍ୟାୟର ଲଢ଼େଇ ଲଢ଼ିବାକୁ ସୋଶାଲ ମିଡିଆକୁ ଅପବ୍ୟବହାର କରି ଈର୍ଷାପରାୟଣ ହୋଇ, ନିନ୍ଦା ଅପମାନ କରି ଗୋଟେ ଝିଅ ଓ ତା ପରିବାରକୁ କଳଙ୍କିତ କରି କେହି କେବେ ବଡ଼ ହେଇପାରିନି। ମା ଲକ୍ଷ୍ମୀ କେବେ ବି କ୍ଷମା ଦେବେନି। ଯାହା ସବୁ ସୋଶାଲ ମିଡିଆରେ ନିଜ ସ୍ତ୍ରୀକୁ ବଦନାମ କରିବା ପାଇଁ କହୁଛନ୍ତି, ତାହା କଣ ସେ ବାସ୍ତବରେ ତାଙ୍କ ସ୍ତ୍ରୀ ସହ ଦେଖା କରି କଥା ହୋଇ ଭଲରେ ସମାଧାନ କରିବାକୁ ଚେଷ୍ଟା କରୁଛନ୍ତି ? କରିବେ କେମିତି, ତାଙ୍କୁ ଏକା କରି ଘରେ ଛାଡି ସମସ୍ତେ ପଳେଇଛନ୍ତି। ତାଙ୍କ ସ୍ତ୍ରୀର ମୋବାଇଲ ନମ୍ବରକୁ ବ୍ଲକ କରିଦେଇଛନ୍ତି। ଏ ସବୁ କେତେଦୂର ଗ୍ରହଣୀୟ ? ଏକ ତରଫା କଥା ଶୁଣି, ତାକୁ ବିଶ୍ୱାସ କରି ଆମେ ମନ୍ତବ୍ୟ ଦେବା କ'ଣ ଠିକ୍ ? ସ୍ତ୍ରୀ ତରଫରୁ କିଛି କଥା ନ ଶୁଣି କୌଣସି ସତ୍ୟତା ନ ଜାଣି ଆମେ ମନ୍ତବ୍ୟ ଦେବା କେତେଦୂର ଗ୍ରହଣୀୟ ? ଥରେ ଭାବି ଦେଖନ୍ତୁ, ସମାଜରେ।"ଅନ୍ୟପକ୍ଷରେ ପାରିବାରିକ ବିବାଦକୁ ନେଇ ଅନୁଭବଙ୍କ ଦୁଇ ଦୁଇଟି ଭିଡିଓ ପୋଷ୍ଟ ପରେ ଥାନାରେ ଏତଲା ଦେଇଛନ୍ତି ପତ୍ନୀ ବର୍ଷା। ଯେଉଁଥିରେ ବର୍ଷା ଲେଖିଛନ୍ତି ଯେ, ଅନୁଭବ ତାଙ୍କ ଚରିତ୍ର ସଂହାର କରିଛନ୍ତି। ମାନସିକ ନିର୍ଯାତନା ଦେଇଛନ୍ତି। ଏପରିକି ଅନୁଭବ ତାଙ୍କୁ ୫ଟି ସର୍ତ୍ତ ରଖି ବଣ୍ଡ ପେପରରେ ସାଇନ କରିବାକୁ କହିଥିବା ବର୍ଷା ଏତଲାରେ ଦର୍ଶାଇଛନ୍ତି। କଟକ ପୁରୀ ଘାଟ ଥାନାରେ ଦେଇଥିବା ଏତଲାରେ ବର୍ଷା ସଫା ସଫା ଲେଖିଛନ୍ତି, ଅନୁଭବ ତାଙ୍କ ନାରୀତ୍ୱକୁ ଅପମାନିତ କରି ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି।୨୦୨୦ରେ ଅନୁଭବ ତାଙ୍କୁ ଛାଡ଼ପତ୍ର ଦେବାକୁ ବାଧ୍ୟ କରିଥିଲେ। ଏଥିପାଇଁ ସେ ରାଜି ନହେବାରୁ ଅନୁଭବ ତାଙ୍କୁ ବରବାଦ କରିଦେବାକୁ ଧମକ ଦେଇଥିଲେ। କେବଳ ସେତିକି ନୁହେଁ, ବର୍ଷାଙ୍କ ପାଇଁ ୫ଟି ସର୍ତ୍ତ ରଖିଥିଲେ ଅନୁଭବ।୧- ବର୍ଷା ଫିଲ୍ମ ଲାଇନ୍ ଛାଡ଼ିଦେବେ, ଆଉ କୌଣସି ଫିଲ୍ମ କରିବେ ନାହିଁ। ୨- ଜୀବନରେ କେବେ ବି ପଲିଟିକ୍ସରେ ଜଏନ୍ କରିବେ ନାହିଁ କିମ୍ବା କୌଣସି ରାଜନୈତିକ ଅନୁଷ୍ଠାନକୁ ଯିବେ ନାହିଁ। ୩- ସମାଜସେବା କରିବେ ନାହିଁ କି କୌଣସି ସାମାଜିକ କାର୍ଯ୍ୟକ୍ରମକୁ ଯିବେ ନାହିଁ। ୪- ମା'ଙ୍କ ଘରକୁ ଯାଇପାରିବେ ନାହିଁ କିମ୍ବା ପରିବାର ସହିତ କୌଣସି ସଂପର୍କ ରଖିବେ ନାହିଁ। ୫-୨୪ ଘଣ୍ଟା ଘର ଭିତରେ ପଡ଼ି ରହିବେ କେଉଁଠି କି ବି ଯିବେ ନାହିଁ ବୋଲି ଅନୁଭବ ସର୍ତ୍ତ ରଖିଥିବା ବର୍ଷା ଏତଲାରେ କହିଛନ୍ତି।ଏଥିସହ ଦିଲ୍ଲୀରେ ଥିବା ଅନୁଭବଙ୍କ ବାନ୍ଧବୀ ତାଙ୍କ ଡିଭୋର୍ସର କାରଣ ବୋଲି ଏତଲାରେ ଉଲ୍ଲେଖ କରିଛନ୍ତି ବର୍ଷା। ସାଂସଦ ଅନୁଭବ ମହାନ୍ତିଙ୍କ ବିରୋଧରେ ବର୍ଷା ଦେଇଥିବା ଏତଲାକୁ ତର୍ଜମା କରାଯାଉଥିବା କଟକ ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ବର୍ଷା ତାଙ୍କ ଏତଲାରେ ଅନେକ ଦିଗକୁ ନେଇ ଅଭିଯୋଗ କରିଛନ୍ତି। ପୂର୍ବରୁ ଉଭୟଙ୍କ ମଧ୍ୟରେ ବିବାଦକୁ ନେଇ ଏକ ମାମଲାର ତଦନ୍ତ ଚାଲିଛି। ବର୍ଷାଙ୍କର ସଦ୍ୟ ଅଭିଯୋଗଗୁଡ଼ିକର ତର୍ଜମା କରି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ବିନ୍ଦୁ ସାହିତ୍ୟ ସମାଜର ବାର୍ଷିକୋତ୍ସବ ଓ ପ୍ରଫେସର ନିତ୍ୟାନନ୍ଦ ମିଶ୍ରଙ୍କ ୮୦ତମ ଜୟନ୍ତୀ ପାଳନ






ଭୁବନେଶ୍ୱର, ୨୩।୫(ପି.ଏନ):ବିନ୍ଦୁ ସାହିତ୍ୟ ସମାଜ, ଭୁବନେଶ୍ୱର ତରଫରୁ ସପ୍ତମ ସାରସ୍ୱତ ଉତ୍ସବ ଓ ଅଧ୍ୟକ୍ଷ, ପ୍ରଫେସର ନିତ୍ୟାନନ୍ଦ ମିଶ୍ରଙ୍କ ୮୦ତମ ଜନ୍ମଦିବସ, ଭୁବନେଶ୍ୱରସ୍ଥିତ ରେଡକ୍ରସ ଭବନର ସଭା କକ୍ଷଠାରେ ତା ୨୨/୦୫/୨୦୨୨ରିଖ ଦିନ ପାଳନ କରାଯାଇଅଛି। ଅନୁଷ୍ଠାନର ସଭାପତି ବାଉରିବନ୍ଧୁ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଭୁବନେଶ୍ୱରର ପ୍ରାକ୍ତନ ସାଂସଦ ଡଃ ପ୍ରସନ୍ନ କୁମାର ପାଟ୍ଟଶାଣୀ, ସମ୍ମାନୀତ ଅତିଥି ଭାବେ ସୁସାହିତ୍ୟିକ ତଥା 'ପୌରୁଷ'ର ସମ୍ପାଦକ, ଶ୍ରୀଯୁକ୍ତ ଅସିତ କୁମାର ମହାନ୍ତି, ଅନ୍ୟତମ ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ତଥା ଓଡ଼ିଶା ସଂଗୀତ ଏକାଡ଼େମୀର ସଭ୍ୟ ଶ୍ରୀଯୁକ୍ତ ନରେନ୍ଦ୍ର କୁମାର ମିଶ୍ର ଓ ମୁଖ୍ୟବକ୍ତାଭାବେ ବରିଷ୍ଠ ସାହିତ୍ୟିକ ଅଧ୍ୟାପକ ଶ୍ରୀଯୁକ୍ତ ବିଶ୍ୱରଞ୍ଜନ ଯୋଗ ଦେଇ ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଡଃ ପ୍ରସନ୍ନ କୁମାର ପାଟ୍ଟଶାଣୀ, ପ୍ରଫେସର ନିତ୍ୟାନନ୍ଦ ମିଶ୍ରଙ୍କର କର୍ମମୟ ଜୀବନ ଉପରେ ଆଲୋକପାତ କରିବା ସହ ତାଙ୍କର ବହୁମୁଖୀ ପ୍ରତିଭାର ଉଚ୍ଚ ପ୍ରଶଂସା କରିଥିଲେ। ଉପସ୍ଥିତ ଆମନ୍ତ୍ରିତ ଅତିଥି ଓ ଲେଖକ/ଲେଖିକାଙ୍କ ଗହଣରେ ବିନ୍ଦୁ ସାହିତ୍ୟ ସମାଜର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ପ୍ରଫେସରର ନିତ୍ୟାନନ୍ଦ ମିଶ୍ରଙ୍କ ୮୦ତମ ଜନ୍ମଦିନ ପାଳନ କରାଯାଇଥିଲା। ପ୍ରଫେସର ନିତ୍ୟାନନ୍ଦ ମିଶ୍ର ତାଙ୍କ ଜନ୍ମଦିନର ସଂବର୍ଦ୍ଧନାର ଉତ୍ତରରେ ଉପସ୍ଥିତ ନିମନ୍ତ୍ରୀତ ଅତିଥି ଓ ସାହିତ୍ୟିକ ମାନଙ୍କୁ କୃତଜ୍ଞତା ଜଣାଇଥିଲେ।ବରିଷ୍ଠ କବୀ ସ୍ୱପ୍ନା ବେହେରାଙ୍କ ସଂଚାଳନାରେ ଅନୁଷ୍ଠିତ ଉକ୍ତ ଉତ୍ସବ, ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ଆରମ୍ଭ କରାଯାଇଥିଲା। ଉକ୍ତ ଉତ୍ସବରେ ବିନ୍ଦୁ ସାହିତ୍ୟ ସମାଜର ମୁଖପତ୍ର "ବିନ୍ଦୁ"କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରଫେସର ନିତ୍ୟାନନ୍ଦ ମିଶ୍ରଙ୍କ ୮୦ତମ ଜନ୍ମଜୟନ୍ତୀ ଉଦ୍ଦେଶ୍ୟରେ ପ୍ରସ୍ତୁତ ସ୍ମରଣିକା "ଶ୍ରଦ୍ଧାବାନ"କୁ ଅତିଥିମାନେ ଲୋକାର୍ପିତ କରିଥିଲେ। ବରିଷ୍ଠ ଗାଳ୍ପିକା, ସୁଷମା ପରିଜାଙ୍କ "ଗୋଟିଏ ଶୀତ ରାତିର ସ୍କେଚ" ସୁସାହିତ୍ୟିକ ରୋହିଣି କୁମାର ବେହେରାଙ୍କ "ପୋଏଟିକ ଫ୍ରାଗ୍ରାନ୍ସ" ଓ ପ୍ରଫେସର ନିତ୍ୟାନନ୍ଦ ମିଶ୍ରଙ୍କ ବଂଶବନ ଇତ୍ୟବସରରେ ଅତିଥିମାନଙ୍କ ଦ୍ୱାରା ପାଠକାର୍ପଣ କରାଯାଇଥିଲା। ପ୍ରାରମ୍ଭରେ ସଭାପତି ବାଉରିବନ୍ଧୁ ଲେଙ୍କା ତାଙ୍କ ଆଦ୍ୟ ଭାଷଣରେ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଓ କାର୍ଯ୍ୟକାରୀ ସଭାପତି ଡଃ ଶଶୀ ଭୂଷଣ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅରୁଣ କୁମାର ବିଶ୍ୱାଳ ତାଙ୍କ ସମ୍ପାଦକୀୟ ବିବରଣୀରେ ବିନ୍ଦୁର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ। ଧନ୍ୟବାଦ ଦେଇଥିଲେ କବୀ ସୁଷମା ପରିଜା। ପରେ କବୀ ଅମ୍ବିକା ସ୍ୱାଇଁ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ପ୍ରସନ୍ନ କୁମାର ପାଟ୍ଟଶାଣୀ, ନରେନ୍ଦ୍ର କୁମାର ମିଶ୍ର, ବାଉରିବନ୍ଧୁ ଲେଙ୍କା, ଶଶୀ ଭୂଷଣ ମହାପାତ୍ର, କନକଲତା ଦାଶ, ଅମ୍ବିକା ସ୍ୱାଇଁ, ବିପ୍ଳବ, ହୀରକ ମିଶ୍ର, ସୁଜାତା ରାଉତରାୟ, ଅରୁଣ କୁମାର ବିଶ୍ୱାଳ, ସ୍ୱପ୍ନା ବେହେରା, ରଶ୍ମୀ ସାମଲ, ସୁଷମା ପରିଜା, ପ୍ରଦୀପ କୁମାର ସାହୁ ଆଦି ଶତାଧିକ କବି/ କବୟତ୍ରୀ କବିତା ପାଠ କରିଥିଲେ।

## କେନ୍ଦୁଝର: ବ୍ରାଣ୍ଡ ଷ୍ଟିଲ କାରଖାନା ଫାଟକ ସମ୍ମୁଖରେ ନିଯୁକ୍ତି ଦାବୀରେ ଜମିହରାଙ୍କ ଆନ୍ଦୋଳନ

କେନ୍ଦୁଝର, ୨୩।୫(ପି.ଏନ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଳାଶପଙ୍ଗା ପଂଚାୟତର ମୁରୁସୁଆଁ ଗ୍ରାମରେ ୨୦୧୦ ରୁ କାର୍ଯ୍ୟକ୍ଷମ ବ୍ରାଣ୍ଡ ଷ୍ଟିଲ ଆଣ୍ଡ ପାୱାର ପ୍ରାଇଭେଟ ଲିମିଟେଡ କାରଖାନା ପାଇଁ ଜମି ହରାଇଥିବା ପରିବାର ପକ୍ଷରୁ ନିଯୁକ୍ତି ଦାବିରେ ୧୯ ତାରିଖ ଠାରୁ କାରଖାନା ମୁଖ୍ୟ ଫାଟକକୁ ଅବରୋଧ କରି ଆନ୍ଦୋଳନ ଆରମ୍ଭ ହୋଇଛି। କାରଖାନା ପ୍ରତିଷ୍ଠା ହେଲେ ଜମିହରାଙ୍କୁ ନିଯୁକ୍ତି ସହ ପାରିପାର୍ଶ୍ୱିକ ଅଂଚଳର ବିକାଶ ଭଳି ଲୋଭାଣିଆ ପ୍ରତିଶୃତି ଦେଇ ପଶ୍ଚିମବଙ୍ଗ ରାଜ୍ୟର ଜଣେ ଅଣଓଡିଆ ଶିଳ୍ପପତି ଶାଗମାଛ ଦରରେ ୨୦୦୪ ମସିହାରେ ୨୨.୪୬ ଏକର ଜମି ମୁରୁସୁଆଁ ଗ୍ରାମ ବାସୀଙ୍କ ଠାରୁ ଜମି କ୍ରୟ କରି କାରଖାନା ନିର୍ମାଣ ଆରମ୍ଭ କରିଥିଲେ। କାରଖାନା ନିର୍ମାଣ ଶେଷ ହୋଇ ଉତ୍ପାଦନକ୍ଷମ ହେଲେ ନିଯୁକ୍ତି ମିଳିବ ଏହି ଆଶାରେ ଜମିହରା ଏବଂ ସ୍ଥାନୀୟ ପ୍ରଭାବିତ ଗ୍ରାମବାସୀ କାରଖାନା କର୍ତ୍ତୃପକ୍ଷଙ୍କୁ ଅକୁଣ୍ଠ ସମର୍ଥନ ମଧ୍ୟ ଯୋଗାଇ ଆସିଲେ। ୨୦୧୦ ରୁ କାରଖାନା ତା'ର ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରିଥିବା ବେଳେ ହାତଗଣତି କିଛି ଜମିହରାଙ୍କୁ ମାସିକ ସ୍ୱଳ୍ପ ବେତନରେ ନିଯୁକ୍ତି ଦେଇ ଅବଶିଷ୍ଟ ୨୦ ଜଣ ଜମିହରାଙ୍କୁ କାରଖାନା କାର୍ଯ୍ୟକ୍ଷମର ୧୨ ବର୍ଷ ପରେ ମଧ୍ୟ ନିଯୁକ୍ତି ଦିଆନଯିବା କମ୍ପାନୀ କର୍ତ୍ତୃପକ୍ଷଙ୍କ ଜମିହରାଙ୍କ ପ୍ରତି ଉଦାସୀନ ମନୋଭାବକୁ ସ୍ପଷ୍ଟ ପ୍ରମାଣିତ କରୁଛି। କମ୍ପାନୀ ଜମି ହାତେଇବା ପରେ ନିଯୁକ୍ତି ନଦେବାରୁ ଜମିହରାଙ୍କ ପକ୍ଷରୁ ନିଯୁକ୍ତି ଦାବିରେ କାରଖାନା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ବହୁ ପୂର୍ବରୁ କମ୍ପାନୀ କର୍ତ୍ତୃପକ୍ଷ ସମେତ ଜିଲ୍ଲା ଓ ପୋଲିସ ପ୍ରଶାସନକୁ ଲିଖିତ ଭାବେ ଅବଗତ କରାଯାଇଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ବୁଧବାରଠାରୁ ବାଧ୍ୟ ହୋଇ କାରଖାନା ମୁଖ୍ୟ ଫାଟକକୁ ଅବରୋଧ କରି ଆନ୍ଦୋଳନରେ ସାମିଲ ହୋଇଛୁ ବୋଲି ଜମିହରା ନିଯୁକ୍ତି ଆଶାୟୀ ରଣଜିତ୍ ମହାନ୍ତ, ଦୁଷ୍ମନ୍ତ ମହାନ୍ତ, ଲକ୍ଷ୍ମିଧର ମହାନ୍ତ, ଅଲେଖ ମହାନ୍ତ, ଚିତ ରଞ୍ଜନ ମହାନ୍ତ, ପରମାନନ୍ଦ ମହାନ୍ତ, ଦିଲ୍ଲୀପ ମହାନ୍ତ, ଲାଲମୋହନ ମହାନ୍ତ, ଅଖିଳ ମହାନ୍ତ, ଡମ୍ବରୁଧର ମହାନ୍ତ, ବଳଭଦ୍ର ମହାନ୍ତ, ଗୋପାଳଚନ୍ଦ୍ର ମହାନ୍ତ, ନିର୍ମଳମାଝୀ, ଅନୀଲ ମାଝୀ, ମଙ୍ଗଲୁ ମୁଣ୍ଡା, ଉମେଶ ପାତ୍ର, ନରେଶ ପାତ୍ର ଜମିହରାଙ୍କୁ ସମର୍ଥନ ଜଣାଇ ପଳାଶପଙ୍ଗା ସରପଚଂ ବାସନ୍ତୀ ନାଏକ, ସମିତିସଭ୍ୟ ସଞ୍ଜୟ କୁମାର ନାଏକ ଓ ଜିଲ୍ଲା ପରିଷଦ ସ୍ୟ ଲୀଳାବତୀ ମହାନ୍ତ ପ୍ରମୁଖ ଆନ୍ଦୋଳନକାରୀଙ୍କ ସହ ସାମିଲ ହୋଇଥିବାବେଳେ ଜମିହରାଙ୍କ ଦାବି ପୂରଣ ନେଇ କମ୍ପାନୀ କର୍ତ୍ତୃପକ୍ଷ କୌଣସି ଆଲୋଚନା କରିନଥିବା ଜଣାପଡିଛି। ଏଥିପୂର୍ବରୁ ୨୦୧୫ ମସିହାରେ ଜମିହରାମାନେ ଆନ୍ଦୋଳନ କରିବାରୁ ୧ ବର୍ଷରୁ ଉର୍ଦ୍ଧ ସମୟ ଧରି କାରଖାନା ବନ୍ଦ ରହିଥିଲା। ପ୍ରଶାସନ, ଜମିହରା ଏବଂ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା ପରେ ୫୯ ଜଣଙ୍କୁ ନିଯୁକ୍ତି ଦେବା ପରେ କାରଖାନା ପୁନଃ ଉତ୍ପାଦନ ଆରମ୍ଭ କରିଥିଲା। ଉକ୍ତ ସମୟରେ ବହୁ ଜମିହରା ଲୋକ ବାଦ ପଡିଥିଲେ। ଦୀର୍ଘ ୭ ବର୍ଷ ପରେ ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି ଜମିହରା ଲୋକ। କମ୍ପାନୀ ପକ୍ଷରୁ ଜମିହରା ପରିବାରର ନିଯୁକ୍ତି ସୁଯୋଗ ରୁ ବଂଚିତ ହୋଇଥିବା ୨୦ ଜଣଙ୍କୁ ତୁରନ୍ତ ଚୁକ୍ତି ମୁତାବକ ନିଯୁକ୍ତି ଦେବାକୁ ଦାବୀ କରିଛନ୍ତି। ସେହିପରି କମ୍ପାନୀ ଜାମୁଡିହା ସ୍କୁଲ ଛକ ଠାରୁ କାରଖାନା ଗେଟ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ରାସ୍ତାରେ ଭାରୀଯାନ ଚଳାଚଳ କରି ଗାଁ ରାସ୍ତା ନଷ୍ଟ କରୁଥିବା ଜାମୁଡିହା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କମ୍ପାନୀ ନିଜସ୍ୱ ରାସ୍ତା ନ କରି ଗାଁ ରାସ୍ତା ନଷ୍ଟ କରୁଥିବାରୁ ପିଚୁ ରାସ୍ତା ଖୁବ କମ ଦିନରେ ନଷ୍ଟ ହୋଇ ଗମନାଗମନ ଅନୁପଯୋଗୀ ହୋଇପଡୁଛି।

## ଓଡ଼ିଶା ତଥା ଦେଶର ସ୍ୱାର୍ଥ ପାଇଁ କାମ କରିବି : ନିରଂଜନ ପଟ୍ଟନାୟକ

ଭୁବନେଶ୍ୱର, ୨୩।୫(ପି.ଏନ): ଏଆଇସିସିର ନିଷ୍ପତି କ୍ରମେ ଶରତ ପଟ୍ଟନାୟକଙ୍କୁ ଓଡିଶା ପିସିସି ସଭାପତି ଭାବେ ନିଯୁକ୍ତି ମିଳିଛି। ପୂର୍ବତନ ପିସିସି ସଭାପତି ନିରଂଜନ ପଟ୍ଟନାୟକଙ୍କ ଇସ୍ତଫା ପତ୍ରକୁ ଏଆଇସିସି ସ୍ୱୀକୃତି ଦେଇଛି। ସୋମବାର ସନ୍ଧ୍ୟାରେ ନିରଞ୍ଜନ ପଟ୍ଟନାୟକ ସାମ୍ବାଦିକ ସମ୍ମିଳନୀ ଜରିଆରେ ନିଜର ପ୍ରତିକ୍ରିୟା ଦେଇଛନ୍ତି କହିଛନ୍ତି ଯେ, ଗତ ୨ ବର୍ଷ ହେଲା ନିର୍ବାଚନ ପରଠାରୁ ମୁଁ ପିସିସି ସଭାପତି ପଦରୁ ଇସ୍ତଫା ଦେଇଥିଲି। ଦେହ ଅସୁସ୍ଥ ଥିବାରୁ ମୁଁ ସୋନିଆ ଗାନ୍ଧୀଙ୍କୁ ଭେଟି ମୋର ବ୍ୟକ୍ତିଗତ ସମସ୍ୟା କହିଥିଲି। ଯଥାଶୀଘ୍ର ମୋର ଇସ୍ତଫାକୁ ସ୍ୱୀକୃତି ଦିଆଯାଉ ବୋଲି ଅନୁରୋଧ କରିଥିଲି। ପଦରୁ ଯିବା ପରେ ମଧ୍ୟ ଓଡ଼ିଶାର ଜନସାଧାରଣ ତଥା ଦେଶର ସ୍ୱାର୍ଥ ପାଇଁ ମୁଁ କାମ କରିବି। ଓଡ଼ିଶାକୁ ଆଗେଇ ନେବା ପାଇଁ ମଧ କାମ କରିବି। କଂଗ୍ରେସ ଭାଇମାନଙ୍କୁ ଅନୁରୋଧ ସମସ୍ତେ ଏକାଠି ରୁହନ୍ତୁ। ଏକଜୁଟ ପାଇଁ କାମ କରନ୍ତୁ।ତାଙ୍କୁ ଓଡିଶା କଂଗ୍ରେସର ଦାୟିତ୍ୱ ଦେଇଥିବାରୁ ସେ କୃତଜ୍ଞତା ପ୍ରକଟ କରିବା ସହ ନୂତନ ପିସିସି ସଭାପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହା ପୂର୍ବରୁ ନିରଂଜନ ସୋସିଆଲ ମିଡିଆରେ ପୋଷ୍ଟ କରି ଲେଖିଥିଲେ ଓଡ଼ିଶା କଂଗ୍ରେସର ଅଧ୍ୟକ୍ଷ ଭାବେ କଂଗ୍ରେସ ଦଳର ସେବା କରିବା ମୋ ପାଇଁ ଗର୍ବ ଓ ଗୌରବର ବିଷୟ ଅଟେ। କଂଗ୍ରେସ ଅଧ୍ୟକ୍ଷ ପରି ବଡ଼ ଦାୟୀତ୍ୱ ନେବା ପାଇଁ ଶ୍ରୀମତୀ ସୋନିଆ ଗାନ୍ଧି ମୋ ଉପରେ ବିଶ୍ୱାସ କରିଥିଲେ। ତେଣୁ ତାଙ୍କୁ ମୋର ଅଶେଷ ଅଶେଷ ଧନ୍ୟବାଦ।










# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।

କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧିପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

# ପୁରାଣ କାହାଣୀ

## ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଜିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟବନ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ





ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷିୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରସାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢ଼କୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକି ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍‌ର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୨, ମେ' ୨୪**

# ସାମ୍ପ୍ରତିକ ସମୟବୋଧ



ଏକବିଂଶ ଶତକର ବିଶ୍ୱ ସମଗ୍ର ଜଗତ ପାଇଁ ଆଣିଛି ଏକ ଅବିଶ୍ୱାସନୀୟ ପରିବର୍ତ୍ତନ । ଜଗତୀକରଣର ଦୃଷ୍ଟିଭଙ୍ଗୀ ନେଇ ଆଜି ସମଗ୍ର ବିଶ୍ୱ ହୋଇଛି ଗୋଟିଏ ପରିବାର । ବୈଷୟିକ ଜ୍ଞାନର ବିକାଶ ଫଳରେ ପୃଥିବୀର କୋଣ ଅନୁକୋଣରେ ଘଟିଯାଉଥିବା ଘଟଣା ମୁହୂର୍ତ୍ତକ ଭିତରେ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି । ପୃଥିବୀର ଯେକୌଣସି ଅଞ୍ଚଳରେ ଘଟୁଥିବା ଏକ ଆକସ୍ମିକ ବିପର୍ଯ୍ୟୟ ସମଗ୍ର ବିଶ୍ୱପାଇଁ ଆଣିଛି ସମାନ ଭାବରେ ଦୁଃଖଦ ସ୍ମୃତି । ଏପରିକି ବିଜ୍ଞାନର ଚରମ ଅଭ୍ୟୁଦୟ ଯେତିକି ଆଣିଛି ସମନ୍ୱୟ, ସେତିକି ବି ସୃଷ୍ଟି କରିଛି ବିପର୍ଯ୍ୟୟ । ଯାହାର ଜ୍ୱଳନ୍ତ ଉଦାହରଣ ସଂପ୍ରତି ଦେଖାଦେଇଥିବା ପରିସ୍ଥିତି ।

ପ୍ରକୃତପକ୍ଷେ କହିବାକୁ ଗଲେ ଆଜି ମଣିଷ ମୁହୂର୍ତ୍ତ ସର୍ବସ୍ୱ ମନସ୍ଥିତିକୁ ନେଇ କାଳ ଅତିବାହିତ କରୁଛି । ଅତୀତର ପ୍ରଲମ୍ବିତ ଯୁଗସର୍ବସ୍ୱ ମନୋବୃତ୍ତି ଆଜି ତିରୋହିତ । ଆଜି ମଣିଷ ପରିବର୍ତ୍ତିତ ପରିସ୍ଥିତି ସହ ସାଲିସ୍ କରିବାକୁ ବାଧ୍ୟ । ସାମ୍ପ୍ରତିକ କାଳରେ ଛଳନାମୟ ରାଜନୈତିକ ଯାତ୍ରା, ଫମ୍ପା ମୂଲ୍ୟବୋଧର ଜୟଗାନ, ମାନବୀୟ ଦୃଷ୍ଟିଭଙ୍ଗୀର ଅବମୂଲ୍ୟାୟନ ସହ ସମ୍ପର୍କ ଓ ସଂପ୍ରୀତିର ମୃତ୍ୟୁ ଘଟିଛି । ପ୍ରତିଷ୍ଠା ଓ ସ୍ୱୀକୃତି କାଙ୍ଗାଳ ମଣିଷ ବସ୍ତୁବାଦୀ ଦୃଷ୍ଟିକୋଣର ମୋହରେ ଆତ୍ମମଗ୍ନ ହୋଇଉଠିଛି । ଭୋଗସର୍ବସ୍ୱ ମନୋବୃତ୍ତି ଆଜି ମଣିଷକୁ ମଣିଷ ପାଖରେ ବିଭେଦର ରେଖା ଟାଣି ଠିଆ କରାଇଛି । ସଂପ୍ରତି ଏହି ସମସ୍ୟା କେବଳ ବ୍ୟକ୍ତିର ନୁହେଁ; ଏହା ହେଉଛି ସମୟର । ମଣିଷପଣିଆର ଡୋରି କ୍ରମେ ଶିଥିଳ ହେବାରେ ଲାଗିଛି । ଆଜି ପାରସ୍ପରିକ ସଂପ୍ରୀତି ଓ ସୌହାର୍ଦ୍ଦ୍ୟ ପରାହତ ହୋଇଛି । ଦେଶ ଠାରୁ ଆରମ୍ଭ କରି ବିଦେଶ ସର୍ବତ୍ର ଆଜି ମଣିଷ ଆପଣାର ପ୍ରାପ୍ତି ପାଇଁ; ନିଖିଳ ବିଶ୍ୱକୁ ଉପେକ୍ଷା କରିଚାଲିଛି ।

ଏ ପରିପ୍ରେକ୍ଷୀରେ କହିରଖେ; ବ୍ୟକ୍ତି ଏକ ବୃହତ୍ତର ପରିସରରେ ସଂଚରିତ ହେବାର ଅଭିପ୍ରାୟ ରଖି ସୃଷ୍ଟି କରିଛି ସମାଜ । ବୃହତ୍ତର ମଣିଷର ସ୍ୱାର୍ଥ ସିଦ୍ଧି ଏବଂ କଲ୍ୟାଣ ଉଦ୍ଦେଶ୍ୟରେ ସମାଜର ପରିକଳ୍ପନା । ସମାଜକୁ ଶୃଙ୍ଖଳିତ କରିବା ଏକ ସାମୂହିକ କଲ୍ୟାଣର ପ୍ରତିଫଳନ ମାତ୍ର । ନୀତି, ଆଦର୍ଶ, ଚଳଣି ଓ ବିଶ୍ୱାସ ବଞ୍ଚିବାର ମାର୍ଗ ଉପରେ ପର୍ଯ୍ୟବେସିତ । ସମୟର ଧାରାରେ କିନ୍ତୁ ଆଜି ମୂଲ୍ୟବୋଧ କ୍ରମଶଃ ଏକ କ୍ଷୟିଷ୍ଣୁ ପଥରେ ଗତି କରୁଛି । ଦିନେ ଉପନିଷଦୀୟ ଅଭିବ୍ୟକ୍ତର ମଣିଷ ଥିଲା ଅମୃତର ସନ୍ତାନ । ଏ ବିଶ୍ୱ ଏକ ମହତ୍ କାର୍ଯ୍ୟ ସମ୍ପାଦନ ଦିଗରେ ମଣିଷ ସୃଷ୍ଟିଲାଭ କରିଥିବା ବିଶ୍ୱାସ କରାଯାଏ । ଜୀବନ ବ୍ୟକ୍ତିରୁ ଆରମ୍ଭ ହୋଇ ପରିବାରକୁ ଆଧାର କରି କ୍ରମେ ବୃହତ୍ତର ସମାଜ ଦିଗରେ ପରିବ୍ୟାପ୍ତ ହୋଇଥିଲା । କିନ୍ତୁ ଆଜିର ଏହି ସଂକଟମୟ ବିଶ୍ୱରେ ଜୀବନ ହୋଇଛି ସତତ ବିଦୀର୍ଣ୍ଣ ।

ଏଠାରେ କହିରଖେ; ଭାରତୀୟ ଅନୁଭୂତିରେ ଜୀବନ-ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏକ ଯାତ୍ରାପଥ ମାତ୍ର ନୁହେଁ । ଧର୍ମ, ଅର୍ଥ, କାମ, ମୋକ୍ଷ ପରି ଚତୁଃବର୍ଗ ପ୍ରାପ୍ତି ହେଉଛି ଜୀବନର ଲକ୍ଷ୍ୟ । ଏକଦା ମନୁଷ୍ୟ ବିଶ୍ୱାସ କରୁଥିଲା, ଏକ ବୃହତ୍ତର ସ୍ୱାର୍ଥ ସିଦ୍ଧି ପାଇଁ ଆତ୍ମ ଉତ୍ସର୍ଗ ହିଁ ହେଉଛି ଏକମାତ୍ର ପନ୍ଥା । ସମଗ୍ର ବସୁଧାକୁ ଏକ କୁଟୁମ୍ବ ଭାବରେ ପରିକଳ୍ପନା କରି ସାମୂହିକ ସ୍ୱାର୍ଥସିଦ୍ଧି ନିମନ୍ତେ ବ୍ୟକ୍ତି ଆପଣାକୁ ଉତ୍ସର୍ଗ କରିଥିଲା । କିନ୍ତୁ ପରିବର୍ତ୍ତିତ ପରିବେଶରେ ପରମ୍ପରା କ୍ରମେ ଗଢ଼ି ଆସୁଥିବା ଏହି ଚିନ୍ତାଧାରାରେ ପରିବର୍ତ୍ତନ ଆଜି ଜୀବନକୁ କରିଛି ବିପର୍ଯ୍ୟସ୍ତ । ଆପଣାର ସ୍ୱାର୍ଥସିଦ୍ଧି ପାଇଁ, ଅହରହ ଚେଷ୍ଟିତ ମଣିଷ ପ୍ରତ୍ୟେକ ମୁହୂର୍ତ୍ତରୁ ସଫଳତା ହିଁ ଖୋଜି ଚାଲିଛି । ପରିଣତି ସ୍ୱରୂପ ନା' ସେ ବ୍ୟକ୍ତିଗତ ଜୀବନରେ ପାଇଛି ପୂର୍ଣ୍ଣତା; ନା ସମୂହରେ ପାଇଛି ସ୍ୱୀକୃତି । ବାସ୍ତବିକ କହିବାକୁ ଗଲେ ସାଂପ୍ରତିକ ମଣିଷ ଆଜି ଦୁଇଟି ପୃଥିବୀର ଅଧିବାସୀ । ଗୋଟିଏ ଦିଗରେ ପରମ୍ପରାର ପୃଥବୀ ତାକୁ ନିତ୍ୟ ପ୍ରତ୍ୟହ ଆନ୍ଦୋଳିତ କଲାବେଳେ, ଅନ୍ୟ ଏକ ପୃଥିବୀ ତାକୁ ପ୍ରତିଷ୍ଠା ଓ ସଫଳତା ଦିଗରେ ଉଚ୍ଚକିତ କରିଛି ।

ପରିଶେଷରେ କେବଳ ଏତିକି କହିବି- ସାଂପ୍ରତିକ ସମାଜରେ ସମସ୍ୟା ବିଜଡ଼ିତ ମଣିଷ ନିଶ୍ଚିତ ଭାବରେ ଏକ ବିଷଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଛି । କିନ୍ତୁ ଏ ବିଷଣ୍ଣତା, ଏ ଅସହାୟତା; ବ୍ୟକ୍ତିତ୍ୱର ପରାଜୟ ନୁହେଁ । ଭାରତୀୟ ପରମ୍ପରା ଯୁଗେ ଯୁଗେ ଦସ୍ୟୁ ରତ୍ନାକରରୁ ବାଲ୍ମୀକିରେ ରୂପାନ୍ତରଣ ପ୍ରକ୍ରିୟା ପାଇଁ ପଥ ଉନ୍ମୋଚନ କରିଥାଏ । ସେହି ଧାରାରେ ସମାଜର ପୁନଃଗଠନ ଓ ନୈତିକ ଉତ୍ତରଣ ନିମନ୍ତେ ସାମୂହିକ ଉଦ୍ୟମର ଆବଶ୍ୟକତା ରହିଅଛି ।

# ପରିବର୍ତ୍ତନର ସ୍ୱର

ଏକଦା ମନୁଷ୍ୟ ଥିଲା ଅରଣ୍ୟର ସନ୍ତାନ । ନଦୀ, ପର୍ବତ, ବୃକ୍ଷଲତା, କୀଟପତଙ୍ଗ ଓ ପଶୁପକ୍ଷୀ ଆଦିଙ୍କ ଭିତରେ ମନୁଷ୍ୟ ଥିଲା ବିଶ୍ୱନିୟନ୍ତାଙ୍କ ସର୍ବଶ୍ରେଷ୍ଠ ସୃଷ୍ଟି । ସମୟର ଧାରାରେ ଆପଣାର ଶ୍ରେଷ୍ଠତା ପ୍ରତିପାଦନ କରି ମନୁଷ୍ୟ ନିର୍ମାଣ କରିଛି ସମାଜ । ସହାବସ୍ଥାନ ସୂତ୍ରରେ ବାନ୍ଧି ହୋଇ ଅଭିବୃଦ୍ଧିର ପଥରେ ଦେଇଛି ପାଦ । କିନ୍ତୁ ସମୟକ୍ରମେ ଏ ବିକାଶର ଧାରା ବସ୍ତୁବାଦୀ ଦୃଷ୍ଟିକୋଣକୁ ଆଦରି ନେଇ ମନୁଷ୍ୟକୁ କରିଛି ମୂଲ୍ୟବୋଧରୁ ବିଚ୍ୟୁତ । ଆତ୍ମପ୍ରତିଷ୍ଠା ଓ ସୁଖବୋଧର ସନ୍ଧାନରେ ମନୁଷ୍ୟ ହୋଇ ଉଠିଛି ହିଂସ୍ର । ନୀତି, ପ୍ରୀତି ଓ ଆଦର୍ଶକୁ ଅସ୍ୱୀକାର କରି ବିପର୍ଯ୍ୟୟକୁ ଡାକି ଆଣିଛି ।

ଏ ପରିପ୍ରେକ୍ଷୀରେ କହିରଖେ ଦିନେ ବେଦର ପ୍ରଥମ ବାକ୍ୟ ମନୁଷ୍ୟର ଆଭିମୁଖ୍ୟକୁ ପ୍ରକାଶ କରି କହିଥିଲା- 'ଅଗ୍ନି ମିଳେ ପୁରୋହିତଂ' । ସମୟର ଧାରାରେ ସେ ମନୁଷ୍ୟ କିନ୍ତୁ ସଂପଦର ପ୍ରଲୋଭନରେ ମାନସିକ ଭାରସାମ୍ୟ ହରାଇ ବସିଛି । ମନୁଷ୍ୟର ସଂକୀର୍ଣ୍ଣ ସ୍ୱାର୍ଥ ଏବଂ ଐଶ୍ୱର୍ଯ୍ୟପ୍ରାପ୍ତିର ବିକଟ ମନସ୍ଥିତି ଆଜି ମନୁଷ୍ୟ ଓ ପଶୁଭିତରେ ଥିବା ରେଖାକୁ ନିଷ୍ପ୍ରଭ କରିଦେଇଛି । ତେଣୁ ଦିନେ ଆପଣାର ସନ୍ତାନ କରି ମନୁଷ୍ୟକୁ ସଯତ୍ନରେ ପାଳିଥିବା ପ୍ରକୃତି; କରାଳ ରୂପ ଧରି ଆରମ୍ଭ କରିଛି ଧ୍ୱଂସ ଲୀଳା । କେତେବେଳେ ବନ୍ୟା, ବାତ୍ୟା, ମରୁଡ଼ି ତ; ଆଉ କେତେବେଳେ ମହାମାରୀ ନେଉଛି ଅସଂଖ୍ୟ ଜୀବନ । ଏପରିସ୍ଥଳେ କି ଲାଭ ମନୁଷ୍ୟର ଅଣୁଶକ୍ତି ଜ୍ଞାନ ଆଉ ବିଜ୍ଞାନ । ଯେତେବେଳେ କି ମନୁଷ୍ୟ ଜୀବନ ପାଲଟି ଯାଇଛି ପୋକମାଛି ସମାନ ।

ପରିଶେଷରେ କେବଳ ଏତିକି କହିବି ଏ ମାଟିର ମନୁଷ୍ୟ ଆତ୍ମପ୍ରତିଷ୍ଠା ପ୍ରଲୋଭନରେ ବିଷାକ୍ତ ହୋଇପଡ଼ିଛି । ତା'ର କ୍ରିୟା-ପ୍ରତିକ୍ରିୟା ହିଁ ଆଜିର ଏ ଦିନ । ଆଶା କିନ୍ତୁ ଏ ବିକଟ ସ୍ଥିତି ହିଁ ମନୁଷ୍ୟ ଭିତରେ ପରିବର୍ତ୍ତନର ଏକ କଲ୍ୟାଣ ସ୍ନିଗ୍ଧ ମାନସିକତା ଗଢ଼ି ତୋଳିବାରେ ସକ୍ଷମ ହେବ ।

**ଡକ୍ଟର ମନୋରଞ୍ଜନ ବିଷୋୟୀ,** ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସଂପର୍କ: ୮୮୯୫୧୪୧୭୨୭

## ଆଜିର ଅନୁଚିନ୍ତା

*ଅନ୍ୟ ପ୍ରତି ଦୋଷାରୋପ କଲାବେଳେ ନିଜର ଦୋଷ ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦିଅ, ନଚେତ୍ ତୁମ୍ଭଙ୍କୁ କେହି କ୍ଷମା ଦେବେନାହିଁ ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ସାମ୍ବାଦିକତାରେ ସଙ୍କଟ

**ସୌମେନ୍ଦ୍ର ଜେନା**

ନିକଟରେ ଭୁବନେଶ୍ୱର ସିବିଆଇ ହାତରେ ଦିଲ୍ଲୀର ଜଣେ ହାବିଲଦାର ଅର୍ଥ ନେବା ସମୟରେ ଗିରଫ ହୋଇଥିବା ଖବର ପ୍ରକାଶ ପାଇଥିଲା । କଥା ହେଲା ରାଜ୍ୟର ଦୁଇଟି ସାପ୍ତାହିକୀର ସମ୍ପାଦକ ଭିନ୍ନ ଭିନ୍ନ ମନ୍ତ୍ରୀ ଏବଂ ସାଂସଦଙ୍କ ନାମରେ ଜାଲିଆତି କରି କୋଟି କୋଟି ଟଙ୍କାର ବିଜ୍ଞାପନ ସଂଗ୍ରହ କରିଥିଲେ । ସେମାନେ ଏସବୁ ପ୍ରମୁଖ ସାଂସଦ ଏବଂ ମନ୍ତ୍ରୀମାନଙ୍କ ପ୍ୟାଡକୁ ବ୍ୟବହାର କରି ନିଜ ସାପ୍ତାହିକୀ ନାମରେ ମୋଟା ପରିମାଣର ବିଜ୍ଞାପନ ଉଠାଇଥିଲେ । ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ପ୍ୟାଡରେ ଏମିତି ମୋଟା ଅଙ୍କର ବିଜ୍ଞାପନ ସଂଗ୍ରହ କରାଯାଇଥିଲା । କୌଣସି ଏକ ସଂସ୍ଥା ବିଜ୍ଞାପନ ଦେବାପରେ ଆଦିତ୍ୟନାଥଙ୍କୁ ସେ ସଂପର୍କରେ ଚିଠି ଲେଖିଥିଲା । ହେଲେ ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ସେ ପ୍ରକାର ଚିଠି ଲେଖିନଥିବା ଜଣାଇ ତଦନ୍ତ ପାଇଁ ଲେଖିଥିଲେ । ଫଳରେ ରାଜ୍ୟର ଦୁଇଜଣ ସାପ୍ତାହିକୀ ସମ୍ପାଦକଙ୍କ ସେହି ଜାଲିଆତି ଧରାପଡିଗଲା । ଅତୀତରେ ଓଡିଶାର ପୂର୍ବତନ ଶାସନସଚିବ ସହଦେବ ସାହୁଙ୍କ ନାମରେ ଏମିତି ଏକ ସାପ୍ତାହିକୀର ସମ୍ପାଦକ ଭିନ୍ନ ଭିନ୍ନ ସଂସ୍ଥାରୁ ଅର୍ଥ ଉଠାଇ ନେବାପରେ ଶ୍ରୀ ସାହୁ ନିଜ ପକ୍ଷରୁ ସେହି ପତ୍ରିକା ସହ କୌଣସି ସଂପର୍କ ନଥିବା କଥା କହି ସମ୍ବାଦପତ୍ରଗୁଡିକୁ ଜଣାଇଥିଲେ । କଥା ହେଲା, ଅନ୍ୟମାନଙ୍କର ଦୁର୍ନୀତି ବିଷୟରେ କହିବାକୁ ଗଣମାଧ୍ୟମ ଥିଲାବେଳେ ଯଦି ଖୋଦ୍ ଗଣମାଧ୍ୟମର ଲୋକେ ସେହିପରି ଦୁର୍ନୀତିରେ ସାମିଲ ହୁଅନ୍ତି ତେବେ ସେମାନଙ୍କର ଜାଲିଆତିକୁ ଧରିବ କିଏ, କହିବ କିଏ? ଅତୀତରେ ଚିଟଫଣ୍ଡ ଜାଲିଆତିରେ ସଂପୃକ୍ତ ଥିବା କେତେକ ଦୈନିକ ଏବଂ ସାପ୍ତାହିକ ପତ୍ରପତ୍ରିକା ରାତାରାତି ବନ୍ଦ ହୋଇଯାଇଥିଲେ । ଏବେ କେତେକର ମାଲିକାନା ବଦଳିଯାଇଥିଲା ବେଳେ କେତେକ ଲୁଚି ଯାଇଛନ୍ତି, ମୁହଁ ଦେଖାଇପାରୁନାହାନ୍ତି । ସାମ୍ବାଦିକ ନାମରେ ଅନେକ ଲୋକ ଅଲଗା ଅଲଗା ସୁବିଧା ନେବାରେ ବ୍ୟସ୍ତ ।

ନିକଟରେ ପରିଚିତ କ୍ରୀଡା ସାମ୍ବାଦିକ ବୋରିଆ ମଜୁମଦାରଙ୍କ ବିରୋଧରେ ଦୁଇବର୍ଷ ପାଇଁ ବିସିସିଆଇ ବା କ୍ରିକେଟ କଣ୍ଟ୍ରୋଲ ବୋର୍ଡ ଅଫ୍ ଇଣ୍ଡିଆ ବାସନ୍ଦ ଘୋଷଣା କରିଛି । ଏହି ବାସନ୍ଦ ପରେ ସେ କୌଣସି ବିସିସିଆଇର ଷ୍ଟାଡିଅମ୍, ଖେଳ ସ୍ଥାନ କିମ୍ବା ପ୍ରଶିକ୍ଷଣ ସ୍ଥଳୀରେ ପ୍ରବେଶ କରିପାରିବେ ନାହିଁ କିମ୍ବା କୌଣସି ଖେଳାଳିଙ୍କର ସାକ୍ଷାତକାର ନେଇପାରିବେ ନାହିଁ । ଭାରତୀୟ କ୍ରିକେଟ ଦଳର ଖେଳାଳି ଋଦ୍ଧିମାନ ଶାହା ତାଙ୍କ ବିରୋଧରେ ବ୍ଲାକମେଲିଂ ଅଭିଯୋଗ ୧୯ ଫେବୃଆରୀ ୨୦୨୨ରେ ନିଜ ହ୍ୱାଟସ୍‌ଆପ୍ ମାଧ୍ୟମରେ କରିଥିଲେ । ୯ମାର୍ଚ୍ଚ ୨୦୨୨ରେ ବୋରିଆ ନିଜର ଦୋଷ ନଥିବା କଥା କହିଥିଲେ । କିନ୍ତୁ ବିସିସିଆଇ ଏହି ଘଟଣାର ଅନୁସନ୍ଧାନ କରିବାକୁ ଏକ କମିଟି ଗଠନ କରିଥିଲା । ୨୩ ଏପ୍ରିଲ ୨୦୨୨ଦିନ ବିସିସିଆଇ ପକ୍ଷରୁ ପ୍ରଥମେ ୧୦ବର୍ଷ ପାଇଁ, ପରେ ୫ବର୍ଷ ପାଇଁ ଏବଂ ଶେଷରେ ୨ବର୍ଷ ପାଇଁ ବାସନ୍ଦ କରାଯିବାଲାଗି ସ୍ଥିର ହୋଇଥିଲା । ପ୍ରଥମେ ଏହି ଘଟଣାର ଅନୁସନ୍ଧାନ ବନ୍ଦ କରିବା ପାଇଁ ବିସିସିଆଇ ଉପରେ ଭିନ୍ନ ଭିନ୍ନ ମାଧ୍ୟମରେ ଚାପ ପ୍ରୟୋଗ କରିବାକୁ ବୋରିଆ ଚେଷ୍ଟା କରିଥିଲେ । ପୂର୍ବରୁ ସେ ତାଙ୍କ ନିଜର ୟୁଟ୍ୟୁବ ଚ୍ୟାନେଲ ପାଇଁ ସଚିନ ତେନ୍ଦୁଲକର, ହାର୍ଦ୍ଦିକ ପାଣ୍ଡ୍ୟା, ଡାଭିଡ ୱାର୍ଣ୍ଣର, ସୌରଭ ଗାଙ୍ଗୁଲୀ, ରୋହିତ ଶର୍ମା, ଆର୍. ଅଶ୍ୱିନୀ ପ୍ରମୁଖ କ୍ରିକେଟ ଖେଳାଳିଙ୍କର ସାକ୍ଷାତକାର ପ୍ରସ୍ତୁତ କରିସାରିଛନ୍ତି । ନିଜର ୟୁଟ୍ୟୁବ ଚ୍ୟାନେଲକୁ ସାକ୍ଷାତକାର ଦେଲେ ଋଦ୍ଧିମାନ ଲାଭରେ ରହିବେ । ନଚେତ୍ ବହୁତ କ୍ଷତିହେବ ବୋଲି ବୋରିଆ ଋଦ୍ଧିମାନଙ୍କୁ କହିଥିଲେ । କିନ୍ତୁ ଋଦ୍ଧିମାନ ବୋରିଆଙ୍କ କଥାରେ ରାଜି ନ ହେବା ପରେ ସେ ଭିନ୍ନ ଭିନ୍ନ ପ୍ରକାରେ ତାଙ୍କୁ ଧମକ ଦେଇଥିଲେ । ଖେଳ ରାଜନୀତିରେ ସାମ୍ବାଦିକମାନଙ୍କର ଘୃଣିତ ଖେଳ କିପରି ଚାଲିଥାଏ ଏହା ତାର ଗୋଟିଏ ଉଦାହରଣ । କ୍ରୀଡା ସାମ୍ବାଦିକମାନେ ଉଭୟ ପ୍ରଶାସକ ଏବଂ ରାଜନେତାମାନଙ୍କ ସଂପର୍କରେ ରହି ଟିମ୍ ବଛାଯିବା ସମୟରେ କିଏ ତାଲିକାରେ ରହିବେ ନ ରହିବେ ସେ ସଂପର୍କରେ ହସ୍ତକ୍ଷେପ କରିଥାନ୍ତି ।



ଏପରିକି ଶେଷ ଚୟନ ପୂର୍ବରୁ ସେମାନେ ଯାହାକୁ ଟିମ୍‌ରେ ରଖିବାକୁ ଚାହୁଁଥାନ୍ତି ତାଙ୍କ ସଂପର୍କରେ ଗଣମାଧ୍ୟମରେ ବ୍ୟାପକ ପ୍ରଚାର ମଧ୍ୟ କରିଥାନ୍ତି । ଯାହାଫଳରେ ଆବଶ୍ୟକ ଯୋଗ୍ୟତା ନଥିବା ଖେଳାଳିଟିଏ ମଧ୍ୟ ଭଲ ଖେଳାଳିର ପ୍ରଶଂସା ପାଇ ଦଳରେ ସ୍ଥାନ ପାଇବା ସମୟରେ ପ୍ରକୃତ ଭଲ ଖେଳାଳି ବାହାରେ ବସି ରହିବାକୁ ବାଧ୍ୟ ହୋଇଥାଏ ।

ହିନ୍ଦୀ ଖବର ନାମକ ଏକ ଚ୍ୟାନେଲର ମାଲିକ କୁହାଯାଉଥିବା ଅତୁଲ ଅଗ୍ରୱାଲ ନାମକ ଜଣେ ସାମ୍ବାଦିକଙ୍କ ବିରୋଧରେ ଏବେ ନୋଇଡା ପୋଲିସ ଅନେକ ପ୍ରମାଣ ପାଇଛି । ହିନ୍ଦୀ ସମ୍ବାଦ ପାଠିକା ଚିତ୍ରା ତ୍ରିପାଠୀଙ୍କ ସ୍ୱାମୀ ହେଲେ ଅତୁଲ । ଚିତ୍ରାଙ୍କ ସହ ଅତୁଲଙ୍କ ମନୋମାଳିନ୍ୟ ରହିଛି । କିଛି ଦିନ ପୂର୍ବେ ଅତୁଲଙ୍କ ଗାଏବ ହେବା ନେଇ ଚିତ୍ରା ଅଭିଯୋଗ କରିଥିଲେ । ପରେ ଅନ୍ୟ ଜଣେ ମହିଳାଙ୍କ ସହ ଓୟୋ ଗେଷ୍ଟ ହାଉସରେ ଅତୁଲଙ୍କୁ ଠାବ କରାଯାଇଥିଲା । ତାଙ୍କୁ ବନ୍ଧୁକ ମୁନରେ ଅପହରଣ କରାଯିବାର ମନଗଢା କଥା ସେ ନୋଇଡା ପୋଲିସକୁ ମଧ୍ୟ କହିଥିଲେ । ହେଲେ ଓୟୋରୁମ୍ ବୁକିଂ ସମୟରେ ନିଜର ପ୍ରକୃତ ନାମ ରେଜିଷ୍ଟରରେ ନ ଲେଖି ସେଠାରେ ସେ ରହିଥିଲେ । ଇତି ମଧ୍ୟରେ ଅଞ୍ଜଳି ଚାୱଲା ନାମ୍ନୀ ଅନ୍ୟଜଣେ ଉପସ୍ଥାପିକା ଅତୁଲଙ୍କ ବିରୋଧରେ ବିବାହ ପାଇଁ ଚାପ ପ୍ରୟୋଗ କରିବା ଅଭିଯୋଗ କରିଛନ୍ତି । ପୋଲିସ ହାତରେ ଧରାପଡିବା ପରେ ଅତୁଲ ସରକାରୀ ତନ୍ତ୍ର ବିରୋଧରେ ବିଷୋଦଗାର କରି ତାଙ୍କୁ ଷଡଯନ୍ତ୍ର କରି ବଦନାମ କରାଯାଉଥିବା ଅଭିଯୋଗ ମଧ୍ୟ ଉଠାଇଥିଲେ । କିଛିଦିନ ତଳେ ଏମିତି ଏକ ଅଭିଯୋଗ ଉତ୍ତର ପ୍ରଦେଶର ସ୍ତମ୍ଭ ଲେଖିକା ରାଣା ଆୟୁବଙ୍କ ବିରୋଧରେ ଆସିଥିଲା । ଗୁଜରାଟରେ ହିନ୍ଦୁ ଗଣହତ୍ୟା ପରେ ହୋଇଥିବା ଦଙ୍ଗାକୁ ନେଇ ସେ ଗୁଜରାଟ ଫାଇଲ୍ସ ନାମକ ଏକ ପୁସ୍ତକ ଲେଖିଥିଲେ । ସୁପ୍ରିମକୋର୍ଟର ଓକିଲ ପ୍ରଶାନ୍ତଭୂଷଣ ସେହି ପୁସ୍ତକର ପ୍ରଚାର ବଢାଇବା ପାଇଁ ସୁପ୍ରିମକୋର୍ଟକୁ ନେଇଥିଲେ । ରାଣାଙ୍କ ବିରୋଧରେ ଅଭିଯୋଗ ହେଲା ଯେ କୋରୋନା କାଳରେ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସେ ତିନୋଟି କ୍ରିପ୍ଟୋ ଆପ୍ ମାଧ୍ୟମରେ ଦେଶ ଓ ଦେଶ ବାହାରୁ ଅର୍ଥ ସଂଗ୍ରହ କରିଥିଲେ । ନିଜସ୍ୱ ସଂସ୍ଥା ନଥିବା ଏବଂ ବିଦେଶୀ ଅର୍ଥ ସଂଗ୍ରହ କରିବାକୁ ଅନୁମତି ପାଇନଥିବା ସତ୍ତ୍ୱେ ସେ ୨କୋଟି ୭୭ଲକ୍ଷ ଟଙ୍କା ସଂଗ୍ରହ କରି ନିଜ ବାପା ମୁନାୱର ରାଣା ଏବଂ ଭଉଣୀଙ୍କ ଜମାଖାତାରେ ରଖିଥିଲେ , ଯାହାକୁ ଗତ ଫେବୃଆରୀ ମାସରେ ଇଡି ପକ୍ଷରୁ ଜବତ କରାଯାଇଥିଲା । ପୂର୍ବରୁ ପ୍ରାୟ ୫୦ ଲକ୍ଷ ଟଙ୍କାକୁ ରାଣା ନିଜ ନାମରେ ଫିକ୍ସଡ ଡିପୋଜିଟ୍ ରଖିଥିଲେ । ସେ ପ୍ରଥମେ ସବୁ ଅର୍ଥ ନିଜ ଜମାଖାତାକୁ ନେବାପରେ ଅନ୍ୟ ଖାତାକୁ ପଠାଇଥିଲେ । କାହାକୁ ନଦେଇ ନିଜେ ୨୮ଲକ୍ଷଟଙ୍କା ଖର୍ଚ୍ଚ କରିଦେଇଥିଲେ । କିନ୍ତୁ ଇଡିର ପ୍ରଶ୍ନରେ ସେ କହିଥିଲେ ଯେ ଅର୍ଥର ସୁରକ୍ଷା ପାଇଁ ଏମିତି କରିଥିଲେ । ଗତବର୍ଷ ସେପ୍ଟେମ୍ବର ୨୦୨୧ରେ ରାଣାଙ୍କ ବିରୋଧରେ ଅର୍ଥସଂଗ୍ରହ କରିବା ସଂକ୍ରାନ୍ତରେ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା । ପୋଲିସ ୧୫ଡିସେମ୍ବର ୨୦୨୧ରେ ଅର୍ଥ ଜାଲିଆତି ନେଇ ମାମଲା କରିଥିଲା । କାରଣ ଲକ୍‌ଡାଉନ ସମୟରେ ହିଁ ୧୯ମଇ ୨୦୨୦ରେ ରାଣା ଫିକ୍ସଡ ଡିପୋଜିଟ୍ ପାଇଁ ଖାତା ଖୋଲିଥିଲେ । ଏହିସବୁ ମାମଲା ଚାଲିଥିଲା ବେଳେ ରାଣାଙ୍କ ବିଦେଶୀ ସହଯୋଗୀ ୱାସିଂଟନ ପୋଷ୍ଟ ମାଧ୍ୟମରେ ଜାତିସଂଘରେ ଥିବା ଅଧିକାରୀଙ୍କ ନିକଟରେ ସାମ୍ବାଦିକଙ୍କୁ କାର୍ଯ୍ୟକରିବାକୁ ଦିଆଯାଉ ନ ଥିବା, ଭାରତରେ ସାମ୍ବାଦିକଙ୍କୁ ଶୋଷଣ କରାଯାଉଥିବା, ଉତ୍ପୀଡନ କରାଯାଉଥିବା ଅଭିଯୋଗ ଉଠିଲା । ଦେଶବିରୋଧୀ ରାଣା ଆୟୁବର ପରିବାର ଅତୀତରେ ଏମିତି ଅନେକ ଅପରାଧ କରି ଧରାପଡିବା ପରେ ଭିକ୍ଟିମ କାର୍ଡ ଖେଳିବା ଦେଖାଯାଇଛି । ଉତ୍ତର ପ୍ରଦେଶ ନିର୍ବାଚନରେ ଆଦିତ୍ୟନାଥ ବିଜୟୀ ହେଲେ ଉତ୍ତର ପ୍ରଦେଶକୁ ଛାଡିଦେଇ ବାହାରକୁ ଚାଲିଯିବେ ବୋଲି ପୂର୍ବରୁ ରାଣା ଆୟୁବଙ୍କ ପିତା ମୁନୱର ରାଣା ଘୋଷଣା କରିଥିଲେ । କିନ୍ତୁ ଆଦିତ୍ୟନାଥ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ପୁନର୍ବାର ବିଜୟୀ ହେଲାପରେ ମଧ୍ୟ ସେ ଉତ୍ତର ପ୍ରଦେଶ ଛାଡି ବାହାରକୁ ଯାଇନାହାନ୍ତି । ରାଣାଙ୍କ ପରିବାର ଆଜିଯାଏ ଦେଶ ବିରୋଧରେ ବିଦେଶୀ କାଗଜରେ ଲେଖି ଢେର ଅର୍ଥ ରୋଜଗାର କରିଛନ୍ତି । ରାଣାଙ୍କ କାର୍ଯ୍ୟ ହେଲା ଭାରତ, ଭାରତର ଶାସନ, ଉତ୍ତର ପ୍ରଦେଶର ସରକାରଙ୍କ ବିରୋଧରେ ବିଦେଶରେ ପ୍ରଚାରକରି ଅର୍ଥ ରୋଜଗାର କରିବା । କୋରୋନା ସମୟରେ ବିଦେଶରେ ଭାରତର ନକାରାତ୍ମକ ଛବି ନିର୍ମାଣ ପାଇଁ ସେ ଢେର ପ୍ରୟାସ କରିଥିଲେ, ଆମେରିକା ଏବଂ ୟୁରୋପର ଭାରତ ବିରୋଧୀ ଲବି ସହ ମିଶି କାର୍ଯ୍ୟ କରିଥିଲେ । କୋରୋନା ରୋଗୀଙ୍କର ସହାୟତା ପାଇଁ ଦାନସୂତ୍ରରେ ମିଳିଥିବା ଅର୍ଥକୁ ସୁଧ ପାଇବା ଲକ୍ଷ୍ୟରେ ଖଟାଯିବା ଏକ ଗର୍ହିତ ଅପରାଧ ହୋଇଥିବା ସତ୍ତ୍ୱେ ରାଣାଙ୍କ ବିରୋଧରେ ପୋଲସ ଏବଂ ଇଡିର କାର୍ଯ୍ୟାନୁଷ୍ଠାନ ପରେ ଜେନେଭା ଟ୍ୱିଟର କହିଲା ଯେ ଭାରତ ସରକାର ମହିଳା ବିରୋଧୀ । ତେଣୁ ସାମ୍ବାଦିକଙ୍କ ବିରୋଧରେ ଆକ୍ରମଣ ବନ୍ଦ ହେବା ଦରକାର । କହିବାକୁ ଗଲେ ଏକ ଆନ୍ତର୍ଜାତିକ ଜାଲିଆତିର ଏମାନେ ସବୁ ପରସ୍ପରର ସହଯୋଗୀ, ଅଂଶୀଦାର । ଅତୀତରେ ତେହେଲକାର ତରୁଣ ତେଜପାଲ ଏବଂ ତାଙ୍କ ଗୋଷ୍ଠୀ ଏପରି ଜାଲିଆତିରେ ସଂପୃକ୍ତ ଥିବା ସତ୍ତ୍ୱେ ତତ୍‌କାଳୀନ ସରକାର ସେମାନଙ୍କ ବିରୋଧରେ କଠୋର ହୋଇନଥିଲେ । ସେମିତି ଏନ୍‌ଡିଟିଭିର ମାଲିକ ପ୍ରଣୟ ରୟ ଏବଂ ତାଙ୍କ ସ୍ତ୍ରୀ ରାଧିକା ରୟଙ୍କ ବିରୋଧରେ ଲୁକ୍‌ଆଉଟ ନୋଟିସ ରହିଥିଲା । ଇଣ୍ଡିଆଟିଭିର ରଜତ ଶର୍ମାଙ୍କ ବିରୋଧରେ କଳାଟଙ୍କା ରଖିବା ଅଭିଯୋଗ ମଧ୍ୟ ଥିଲା ।

ଗତବର୍ଷ ଜୁଲାଇ ମାସ ୨୦୨୧ର ପ୍ରଥମ ସପ୍ତାହରେ ନୂଆଦିଲ୍ଲୀର ମୁକ୍ତ ବୃତ୍ତ ସାମ୍ବାଦିକ ରାଜୀବ ଶର୍ମାଙ୍କୁ ଅର୍ଥ ଜାଲିଆତି ମାମଲାରେ ଗିରଫ କରାଯାଇଥିଲା । ମହିପାଲପୁରସ୍ଥିତ ଏକ ଜାଲ କମ୍ପାନୀ ଯାହାକୁ ଚୀନା ନାଗରିକ ଝାଙ୍ଗଚେଙ୍ଗ୍ ଓରଫ ସୂରଜ, ଝାଙ୍ଗ ଲିକ୍ସିଆ ଓରଫ ଉଷା, କ୍ୱିଙ୍ଗ ସି ଏବଂ ଜଣେ ନେପାଳୀ ନାଗରିକ ଶେରସିଂହ ଓରଫ୍ ରାଜ ବୋହରା ଚଳାଉଥିଲେ । ଏହି କମ୍ପାନୀ ମାଧ୍ୟମରେ ସାମ୍ବାଦିକ ଶର୍ମା ହାୱାଲା ଅର୍ଥ ଦେଣନେଣ କରୁଥିଲେ । ଇଡି ସୂତ୍ରରୁ ଜଣାପଡିଛି ଯେ ଚୀନର କମ୍ପାନୀଗୁଡିକ ଗୋଇନ୍ଦାଗିରି ମାଧ୍ୟମରେ ରାଜୀବ ଶର୍ମା ପରି ଲୋକଙ୍କ ମାଧ୍ୟମରେ ଭାରତରୁ ତଥ୍ୟ ସଂଗ୍ରହ କରୁଛନ୍ତି । ୨୦୧୯ରେ ଶର୍ମାଙ୍କୁ ପ୍ରତିରକ୍ଷା ସଂକ୍ରାନ୍ତୀୟ ତଥ୍ୟ, ସୀମାରେ ଥିବା ଭାରତୀୟ ସେନା ସଂପର୍କରେ ଚୀନର ଗୋଇନ୍ଦା ସଂସ୍ଥାକୁ ତଥ୍ୟ ପ୍ରଦାନ କରିଥିଲେ । ଶ୍ରୀ ଶର୍ମା ୨୦୧୬ରେ ଚୀନର ଗୋଇନ୍ଦା ସଂସ୍ଥା ସହ ସଂପର୍କରେ ଆସିବାପରେ ଚୀନର ସମ୍ବାଦପତ୍ର ଗ୍ଲୋବାଲ ଟାଇମ୍ସରେ ଲେଖିବାକୁ ଆରମ୍ଭ କଲେ । ଦେଢବର୍ଷ ମଧ୍ୟରେ ଚୀନାଙ୍କ ପକ୍ଷରୁ ତାଙ୍କୁ ୪୦ଲକ୍ଷ ଟଙ୍କା ମିଳିଥିଲା । ପୋଲିସ ଅଧିକାରୀ ସ୍ୱତନ୍ତ୍ର ସେଲର ଡିସିପି ସଞ୍ଜୀବ କୁମାର ଯାଦବଙ୍କ କହିବାନୁସାରେ ଚୀନକୁ ପ୍ରତିଟି ସୂଚନା ଦେବା ବାବଦରେ ସେ ପ୍ରାୟ ୭୫୦୦୦ ଟଙ୍କା ପାଉଥିଲେ । ୧୪ ସେପ୍ଟେମ୍ବର ୨୦୨୦ରେ ଶର୍ମାଙ୍କ ନିକଟରୁ ଭାରତର ପ୍ରତିରକ୍ଷା ସଂକ୍ରାନ୍ତୀୟ କାଗଜପତ୍ର ପୋଲିସ ଜବତ କରିଥିଲା । ଶର୍ମାଙ୍କ ସହ ତାଙ୍କର ନେପାଳୀ ଏବଂ ଚୀନା ସହଯୋଗୀମାନଙ୍କୁ ମଧ୍ୟ ଗିରଫ କରାଯାଇଥିଲା ।

ସେହିପରି ଅକ୍ଟୋବର ୨୦୦୯ରେ ନୂଆଦିଲ୍ଲୀର ଦୁର୍ନୀତି ବିରୋଧୀ ଶାଖା ଜଣେ ଅଭିଯୁକ୍ତ ସବ୍‌ରେଜିଷ୍ଟ୍ରାରଙ୍କୁ ଗିରଫ କରିଥିଲେ ଯିଏକି ନିୟମିତ ଭାବେ ୭୦ଜଣ ସାମ୍ବାଦିକଙ୍କୁ ମାସିକ ଚାନ୍ଦା ଦେଉଥିଲେ । ପ୍ରତି ସାମ୍ବାଦିକ କେତେ ଟଙ୍କା ନେଉଥିଲେ ତାହା ସେମାନଙ୍କ ଭିଜିଟିଂ କାର୍ଡ ପଛପଟେ ଲେଖାଯାଇ ରହୁଥିଲା । ଉତ୍ତର ଦିଲ୍ଲୀର ସବ୍‌ରେଜିଷ୍ଟ୍ରାର ରାଜେନ୍ଦର ସିଂହ ମଦନଙ୍କ ବିରୋଧରେ ଜଗଦୀଶ ଚାନ୍ଦ ନାମକ ଜଣେ ବ୍ୟକ୍ତି ଅଭିଯୋଗ କରିଥିଲେ ଯେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟପାଇଁ ତାଙ୍କଠାରୁ ଅର୍ଥ ଦାବି କରୁଛନ୍ତି । ପରେ ଚାନ୍ଦ ସବ୍‌ରେଜିଷ୍ଟ୍ରାରଙ୍କ ଲୋକ ଯଶପାଲଙ୍କୁ ଅର୍ଥ ଦେବାବେଳେ ତାଙ୍କୁ ଗିରଫ କରାଯାଇଥିଲା । ଅନୁସନ୍ଧାନରୁ ୭୦ ସାମ୍ବାଦିକ ଉକ୍ତ ଦୁର୍ନୀତିଗ୍ରସ୍ତ ସବ୍‌ରେଜିଷ୍ଟ୍ରାରଠାରୁ ଅର୍ଥ ନେଉଥିବା ବିଷୟ ଜଣାପଡିଥିଲା ଯାହା ପରେ ସେମାନେ ମାନି ଯାଇଥିଲେ ।

ଗଣମାଧ୍ୟମରେ କାର୍ଯ୍ୟରତ ଏହିସବୁ ଦୁର୍ନୀତିଗ୍ରସ୍ତ, କଳଙ୍କିତ, ଠକମାନଙ୍କ ପାଇଁ ଜନସମାଜରେ ସାମ୍ବାଦିକଙ୍କ ଉପରୁ ଭରସା ତୁଟିବାରେ ଲାଗିଛି । ଏଥିପ୍ରତି ଯଦି ଅଧିକ ଦୃଷ୍ଟି ଦିଆନଯାଏ ତେବେ ଆଗାମୀ ଦିନରେ ଏହା ଜଟିଳ ପରିସ୍ଥିତି ସୃଷ୍ଟି କରିବ ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# 'ମା'

**ଅନାମିକା ଦାସ**

ଫୁଟ୍‌ପାଥ୍ କଡ ଚା' କେବିନ୍ ପାଖେ ଆଜି ଅନ୍ୟଦିନ ଅପେକ୍ଷା ଏତେ ଗହଳି ନାହିଁ । ପୁଷମାସରେ କୁଆଡେ ବର୍ଷା ହୁଏନି, ହେଲେ କାଲି ରାତି ଠାରୁ ଝିପ୍ ଝିପ୍ ବର୍ଷା, ହାଡ ଭଙ୍ଗା ଶୀତକୁ ନିମନ୍ତ୍ରଣ କରି ଧରିଛି । କେବିନ୍ କଡରେ ଦୁଇ କଅଁଳ ଛୁଆଙ୍କୁ ଛାଡି ଆଜି ପେଟ ପାଇଁ ଦାନା ଲାଗି ବାହାରିବାକୁ ମନ ହିଁ ହଉନି । ତଥାପି ପେଟ ବିକଳରେ ଥଣ୍ଡାକୁ ଖାତିର୍ ନ କରି, ପିଲା ଦି'ଟାଙ୍କୁ ମୋ ଭାଷାରେ ତାଗିଦ୍ କରି ମୁଁ ନଫେରିବା ଯାଏଁ ବାହାରିବନି କହି ଥରି ଥରି ଚା' କେବିନ୍ ଆଡେ ଆଗେଇଲି । ଭଲ ପାଗ ଥିଲେ ଏ ଭୁବନେଶ୍ୱରର ବହୁ ବଡବାବୁ ମର୍ଣ୍ଣିଂ ୱାକ୍‌ରେ ଆସି ଏ ଚା' ଦୋକାନରେ ଖଟି ଜମେ । ମୋ ଦୟନୀୟ ଚାହାଣୀ ବେଶୀ କାହାର ହୃଦୟରେ ପହଂଚି ପାରେନି, ହେଲେ କେହି କେହି ଚା' ଦୋକାନୀକୁ କୁହନ୍ତି ଗୋଟେ ଶସ୍ତା ବିସ୍କୁଟଟେ ଦେଲୁରେ, ଆଉ ମୁଁ ସେତିକିରେ ସନ୍ତୁଷ୍ଟ ହୋଇଯାଏ ।

ରାସ୍ତା ଆରପଟେ ଟିକେ ଗହଳି ଦିଶୁଛି, ଖରାପ ପାଗ ହେଲେ ବି ଏତେ ଭିଡ ଯେ, ଶୁଣିଲି ଆଜି କ'ଣ ରାସ୍ତା ରୋକ ହବ । ଖୋଲା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସେପଟ ବସ୍ତିର ଛୋଟ ପିଲାଟେ କୁଆଡେ ମରିଯାଇଛି । ଏପଟେ କାଳେ ବିସ୍କୁଟ ଖଣ୍ଡେ ମିଳିବା ଆଶା, ପୁଣି ସେପଟେ ଗହଳି ଦେଖି ଦହିବରା, ବରା ଦୋକାନ ସବୁ ଲାଗି ଗଲାଣି, ସେଠୁ କିଛି ନିଜ ପିଲାଙ୍କ ଲାଗି ମିଳିବା ଲୋଭ, ସେମିତି ରାସ୍ତା ଏପାଖ ଫୁଟ୍‌ପାଥ୍ ଉପରେ ଠିଆ ହୋଇ ଶୀତରେ ଥରି ଥରି ଅପଲକ ନୟନରେ ଚାହିଁ ଥାଏ । ସେତିକି ବେଳେ ଜଣେ ବାବୁ, ଖୁବ୍ ଧୋବ ଫର୍ ଫର୍ ଗୋଟେ କୁକୁରକୁ ଚେନ୍‌ରେ ବାନ୍ଧି ମୋ ପାଖା ପାଖି ହେଇ ଗଲେଣି, ମୁଁ ଟିକେ ଘୁଂଚିଗଲି, ସେ କୁକୁରଟି ଦେହରେ ଚମଡାର ପୋଷାକ, ମାଲିକ ଭଳି ସେବି ଯେମିତି ମତେ ତୁଛ ଭାବେ ଚାହିଁ ଦେଇ ରାଜକୀୟ ଠାଣୀରେ ଚାଲିଥାଏ । ଆଉ ମୁଁ ବୁଲି ପଡି କେବିନ୍ କଡରେ ମୋ ଛୁଆ ଦିଟାଙ୍କ ନିରିହ ଆଖିକୁ ଦେଖି ବୁଝିପାରୁଥାଏ । ମୁଁ ହିଁ ତାଙ୍କର ଆଶା ଭରସା, ଆଉ ଶୀତକୁ ଡରିଲେ ହେବନି, ଆଜି ଏଠି କେହି ବିସ୍କୁଟଟେ ଦେବେ ଲାଗୁନି, ମୋ ପିଲାଙ୍କ ଲାଗି ମତେ ସେ ବଡ ପିଚୁ ରାସ୍ତା ପାର ହେଇ ଆରପଟକୁ ଯିବାକୁ ହେବ । ସେ ପଟେ ନିଶ୍ଚୟେ ଦରଦି ଲୋକ ସବୁ ଜମା ହୋଇଛନ୍ତି, ନହେଲେ ବସ୍ତିର ଗୋଟେ ପିଲାର ମୃତ୍ୟୁ ପରେ ତା' ପରିବାର ଲାଗି ସରକାରୀ ସାହାଯ୍ୟ ମାଗିବାକୁ ଶୀତ, ବର୍ଷାରେ କିଏ ବା ଆସେ । ରାସ୍ତାରେ କାଁ-ଭାଁ ଗାଡି ଯାଉଥାଏ, ପାଗ ଭଲ ନାହିଁ ତ ବୋଧେ ସେଥି-ଲାଗି । ରାସ୍ତା ଫାଙ୍କା ଦେଖି ଦୁଇ ଚକିଆ-ଚାରି ଚକିଆ ଯାନ ସବୁ ଏତେ କ୍ଷୀପ୍ର ଗତିରେ ଚାଲୁଛି ଯେ ଆଖି ପିଛୁଳାକେ ଗାଡି ଗୁଡା ଉଭାନ ହେଇଯାଉଛି । ନାଁ ମୁଁ ଯିବି ରୋଡ୍ ଆରପଟକୁ, ସବୁ ଠେଲା ବାଲା ପାଖେ ବେସ୍ ଭିଡ, କିଏ ପୁରୀ-ତରକାରୀ ତ କିଏ ଦହିବରା ଆଳୁଦମ୍ ଖାଇବାରେ ଲାଗିଛନ୍ତି, ବୋଧେ ପେଟେ ଖାଇଲେ ବଳ ଆସିବ ସେ ବସ୍ତି ପିଲା ପରିବାର ଲାଗି ନ୍ୟାୟ ଦାବି କରିବା ଲାଗି ।

ପିଲା ଜନ୍ମ ପରେ ମୁଁ ଜମା ପିଚୁ ରାସ୍ତା ପାରିହୋଇ ଯାଇନି, ଭୋକଠାରୁ ଜୀବନ ବଡ, ହେଲେ ଆଜି ଆଉ ଭୋକ ଦାଉ ସହି ହଉନି, ପିଲାଙ୍କ ନିରସ ଚାହାଣୀ ଯେମିତି 'ମା'ର ଆତ୍ମାକୁ ଚିପୁଡି ଦେଉଛି । ଖୁବ୍ ସଂତର୍ପଣରେ ମଝି ରୋଡ୍ ଡିଭାଇଡର ଡେଇଁ ଆରପଟକୁ ଦୌଡିଲି । ଓଃ ସତରେ ଲାଗିଲା ମୁଁ ବୋଧେ ପାଂଚ ଦଶଦିନ ଲାଗି ଖାଇ ଦେଇ, ପିଲାଙ୍କ ଲାଗିବି ଖାଦ୍ୟ ନେଇଯିବି । ସମସ୍ତେ ଠୁଳ ହେଇ ଖାଇବା ଓ କଥାବାର୍ତ୍ତାରେ ବ୍ୟସ୍ତ, କିଏ କହୁଛି ପିଲାଟା ବଂଚିଥିଲେ ବଡ ହେଇ ତା ପରିବାର ପୋଷିଥାନ୍ତା । କିଏ କହୁଛି ଏ ସରକାର ଆମ ଦାବି ନ ମାନିବା ଯାଏଁ ଏ ରାସ୍ତା ଛାଡିବାନି, ମୋ ମନ ଟିକେ ଖୁସି ହେଉଥାଏ, ଯାହା ହେଉ ଏ କଳିଯୁଗରେ ଏତେ ଦରଦୀ ମଣିଷ ବି ଅଛନ୍ତି । ଦୂରରୁ ପୁଣି ସେ ବଡବାବୁଙ୍କ ଚମଡା ପୋଷାକଧାରୀ କୁକୁରଟି ଆମ ଆଡେ ଆସୁଛି । ସେ କୁକୁରଟି ସତେ ଅବା ମତେ ଖତେଇ ହେଉ ଗୋଟେ ତେରେଛା ଚାହାଣୀ ଦେଇ ଆଗେଇଗଲା । ମୁଁ ପ୍ରକୃତିସ୍ଥ ହେଲି, ନା ଏମିତି ଦୂରରେ ଠିଆ ହେଲେ କେହି କିଛି ଦେବେନି, ତ ମୁଁ ପୁରା ଅଧାକାର ଥିବା ଭଳି ସେ ପୁରୀ-ତରକାରୀ ଠେଲା ଆଡେ ମାଡିଗଲି, ଆରେ ଏ କ'ଣ? ଏ ଦରଦୀ ମଣିଷଗୁଡା ମତେ ଦେଖି କ'ଣ ନାକ ଟେକି ଦୂରେଇ ମୁହଁ ଆଡେଇ ଖାଇଲେଣି । ତଥାପି ମୁଁ ସେମିତି ଶୀତରେ ଧୈର୍ଯ୍ୟ ଧରି ଠେଲାର ଆହୁରି ପାଖକୁ ଗଲି, ବର୍ଷା ବନ୍ଦ ହେଇଯାଇ-ଥାଏ । ଆଉ ଗହଳି ବି ବଢୁଥାଏ । ଆଉ ମୁଁ ଠାକୁରଙ୍କୁ ଡାକୁଥାଏ କାହା ହାତରୁ ଖାଇବା ଠୋଲାଟା ପଡି ଯାଆନ୍ତି କି? ସତେ ଯେମିତି ଠାକୁର ମୋ ଡାକ ଶୁଣିଲେ, ପୁରୀ ଠେଲା ବାଲାର ଗୋଟେ ପୁରୀ ତା ଥାଳିରୁ ତଳେ ପଡିଗଲା । ମୁଁ ଦଉଡିଯାଇ ପୁରୀଟି ଧରିଲି ଭାବିଲି ଆଗେ ଖାଇନିଏ, ତା'ପରେ ପିଲାଙ୍କ ଲାଗି ନେଇଯିବି । ହେଲେ ମା' ମନ ବୁଝିଲାନି, ଭାବିଲି ନା ଛୁଆ ଦି'ଟା ମତେ ବିକଳରେ ଚାହିଁଥିଲେ, ଆଗେ ତାଙ୍କୁ ଦେଇ ଆସେ, ପରେ ଯଦି କିଛି ନ ମିଳିଲା ତ? ବାସ୍ ପିଲାଙ୍କ ସେ ନିରିହ ଚାହାଣୀ ମତେ ଟାଣିଲା ଓ ମୁଁ ସେ ଦୁଇ ଚାରି ଚକିଆ ଯାନ ଠାରୁ କ୍ଷୀପ୍ର ଗତିରେ ଦୌଡିଲି ରାସ୍ତା ମଝି ଡିଭାଇଡର ଡେଇଁ, ପାଟିରେ ପୁରୀଟିକୁ ଧରି, ବାସ୍ ମୋ ପିଲା ଦିଶିଲେଣି ଆଉ ଚାରି ଡିଆଁରେ ପହଂଚି ଯିବି । ଆଉ ବାମ-ଡାହାଣ ନ ଦେଖି ପିଲାଙ୍କ ଆଖିରେ ଆଖି ମିଶାଇ ଖୁସିରେ ଡେଇଁ ପଡିଲି ଡିଭାଇଡର ଉପରୁ ପିଚୁ ରାସ୍ତାକୁ, ସେପଟୁ ଗୋଟେ ସରକାରୀ ବସ୍ ଖୁବ୍ ଜୋର୍‌ରେ ମତେ ଧକ୍କାମାରି ଚାଲିଗଲା, ମୁଁ ଫୋପାଡି ଦେଇ ରାସ୍ତା ମଝିରେ ପଡିଥିଲି, ମୋ ଅଂଟା ବୋଧେ ଭାଙ୍ଗିଯାଇଛି, ଉଠିବା ଆଉ ସମ୍ଭବ ନୁହେଁ ।



ହେଲେ ବି ପାଟିରୁ ପୁରୀଟାକୁ ଛାଡି ନଥିଲି, ପିଲା ଦିଟା ମୋତେ ସେମିତି ବିକଳରେ ଚାହିଁଛନ୍ତି, ମା'ର କଥା ମାନି ସେ କେବଳ ପାଖ ଛାଡି ଆସୁନାହାନ୍ତି । ମୋ କାନରୁ ରକ୍ତର ଧାର କଳା ପିଚୁ ରାସ୍ତାରେ ବହି ଚାଲିଥିଲା, ପାଟିରେ ପୁରୀଟି ସେମିତି ଥାଏ, ମୋ ଆଖି ବନ୍ଦ ହେଇ ଆସୁଥିଲା, ଜାଣି ସାରିଥିଲି ମୁଁ ଆଉ ପହଂଚି ପାରିବିନି ମୋ ଦୁଇ ମାସିକିଆ ଛୋଟ ଛୁଆଙ୍କ ପାଖେ । ଭାବୁଥିଲି ନା ଏଠି ଆଜି ଏତେ ଦରଦୀ ମଣିଷ ଏକାଠି ଅଛନ୍ତି, ସେମାନେ ମତେ ବଂଚେଇ ଦେବେ, ନ ହେଲେ ବି ମୋ ପିଲାଙ୍କ ଅଧିକାର ଲାଗି ଆଗେଇ ଆସିବେ । ସେତିକିବେଳେ କେହି ଜଣେ ବଡ ପାଟିରେ କହିଲେ ଜଲଦି ସେ ମୁନିସିପାଲିଟିବାଲାଟିକୁ ଡାକ, ବିଧାୟକ ମହୋଦୟ ଆସିବା ସମୟ ହେଲାଣି, ଏଠି ଏ କୁକୁରଟାକୁ ଆଜି ମରିବାର ଥିଲା । ମୁଁ ଯେମିତି ଚିତ୍କାର କରି କହୁଥାଏ ନା ମୁଁ ମରିନି, କେମିତି ମରିବି ମୁଁ ପରା ମା', ମୋ ଛୁଆ ଭୋକିଲା ଅଛନ୍ତି, କେହି ଯେମିତି ମୋ ଭାଷା, ମୋ ଚାହାଣୀ ବୁଝି ପାରୁନଥିଲେ, ମ୍ୟୁନିସିପାଲିଟି ଆସି ମୋ ପଛ ଗୋଡରେ ଦଉଡିଟେ ବାନ୍ଧି ଟାଣି ଟାଣି ଦୂରକୁ ନେଇଯାଉଥାଏ, ମୋର ମନେ ପଡୁଥାଏ ସେ ବଡବାବୁଙ୍କ ବିଲାତି କୁକୁରର ତାଚ୍ଛଲ୍ୟ ଚାହାଣୀ, ଧୀରେ ଧୀରେ ମତେ ଆଉ ମୋ ଛୁଆ ଦିଶୁ ନ ଥିଲେ । ଟାଣି ନେଇ ଏକ ବଡ ନଳାରେ ପକାଇ ଦେଲେ । ଆଉ ମୁଁ ଆଖି ବୁଜୁ ବୁଜୁ ଭାବୁଥିଲି, ମୋ ଅଧିକାର ମୋ ଅନାଥ ପିଲାଙ୍କ ଅଧିକାର ଲାଗି କ'ଣ କେହି ଏମିତି ରାସ୍ତା ରୋକ କରିବେନି? ସତରେ କ'ଣ ମୋ ଭଳି ବୁଲା କୁକୁର ମା'ର ହୃଦୟ ନଥାଏ, ସତରେ କ'ଣ ସରକାର ଖାଲି ସେଇମାନଙ୍କ କଥା ଶୁଣନ୍ତି ଯିଏ ଆଜି କାହା ପିଲା ଲାଗି, ତ କାଲି କୋଉ ମହିଳା ଲାଗି ଏକାଠି ହେଇ ରାସ୍ତା ରୋକ କରନ୍ତି? ସତରେ କ'ଣ ଭଗବାନଙ୍କ ହିସାବ ଖାତାଟା ଭୁଲ୍ ଲେଖା ହେଇଯାଇଛି । ମୋ ଜାତିର ଚାରିଗୋଡିଆ ପ୍ରାଣୀକୁ ଶୀତ ପୋଷାକଠାରୁ ସ୍ୱଚ୍ଛ ଖାଦ୍ୟ ଆଉ ମୋ ପରି ବୁଲା, ଅନାଥଙ୍କ ଲାଗି ବାସ୍ ଦୁଃଖ? ନା ମା' ତ ମା' ସେ ମଣିଷ ଛୁଆର ହେଉକି କୁକୁର ଛୁଆର ତା'ର ମନ ତ ଏକ । ହେଲେ କିଏ ବୁଝେଇବ ଏ ପାଠପଢୁଆ ବଡବାବୁମାନଙ୍କୁ ସେମାନେ ଯେ ଧନୀ, ଶିକ୍ଷିତ କିନ୍ତୁ ହୃଦୟଟା ତାଙ୍କର ଏ ପିଚୁ ରାସ୍ତା ପରି କଠିନ, ସେ' ବା କାହୁଁ ବୁଝିବ 'ମା'ର ଦୁଃଖ ।

*-ପ୍ରଶାସନିକ ଅଧିକାରୀ, ଭାରତ ସ୍କାଉଟସ୍ ଏବଂ ଗାଇଡସ୍, ଭୁବନେଶ୍ୱର, ଓଡିଶା, ମୋ-୭୦୦୮୩୯୬୬୫୪, Mail ID : anamikaorissa91@gmail.com*




# ବାହାରିନ ଓଡ଼ିଆ ସମାଜ ତରଫରୁ ଉତ୍କଳ ଦିବସ ପାଳନ

ମାନାମା, ୨୩।୫(ପି.ଏନ): ବାହାରିନ ଓଡ଼ିଆ ସମାଜ (ବାଓସ) ତରଫରୁ ଉତ୍କଳ ଦିବସ - ୨୦୨୨ ମହାସମାରୋହରେ ପାଳନ କରାଯାଇଥିବା ଜଣାଯାଇଛି। ଏହି ଉପଲକ୍ଷେ ଏଠାକାର ଇଣ୍ଡିଆନ୍ କ୍ଲବ୍ ପ୍ରେକ୍ଷାଳୟରେ ଆୟୋଜିତ ଭବ୍ୟ ଉତ୍ସବରେ ବାଓସର ସଦସ୍ୟ, ସେମାନଙ୍କର ପରିବାରବର୍ଗ, ପରିଜନ, ଶୁଭେଚ୍ଛୁ, ପ୍ରବାସୀ ଭାରତୀୟ, ଭାରତୀୟ ଦୂତାବାସର କାର୍ଯ୍ୟକର୍ତ୍ତା ଏବଂ ବିଭିନ୍ନ ରାଷ୍ଟ୍ରର କୂଟନୀତିଜ୍ଞମାନେ ଯୋଗ ଦେଇଥିବା ଦେଖାଯାଇଥିଲା। ବିଶେଷ କରି କୋଭିଡ କଟକଣା ଲାଘବ ପରେ ବାସ୍ତବ ଭିତ୍ତିରେ ଦୀର୍ଘ ଦୁଇ ବର୍ଷ ବ୍ୟବଧାନରେ ଅନୁଷ୍ଠିତ ଏହି ମହୋତ୍ସବକୁ କେନ୍ଦ୍ର କରି ବାହାରିନସ୍ଥିତ ଓଡ଼ିଆ ସମ୍ପ୍ରଦାୟ ମାନଙ୍କ ମଧ୍ୟରେ ଅପୂର୍ବ ଆନନ୍ଦ, ଉତ୍ସାହ, ଉଲ୍ଲାସ ଓ ଉଦ୍ଦୀପନା ପରିଲିକ୍ଷିତ କରାଯାଇଥିଲା। ଉତ୍କଳ ଦିବସ ପାଳନକୁ କେନ୍ଦ୍ର କରି ଇଣ୍ଡିଆନ୍ କ୍ଲବ୍ ର ପ୍ରେକ୍ଷାଳୟକୁ ସୁନ୍ଦର ଭାବେ ସଜାଯାଇ ଏକ ମିନି ଓଡ଼ିଶାର ରୂପ ପ୍ରଦାନ କରାଯାଇଥିଲା। ଆମନ୍ତ୍ରିତ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ବାହାରିନ ଓ ଭାରତର ଜାତୀୟ ସଙ୍ଗୀତ ତଥା ଓଡ଼ିଶାର ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ 'ଗାୟନ ପରେ ସଭାକାର୍ଯ୍ୟ ଶୁଭାରମ୍ଭ ହୋଇଥିଲା। ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରି ବାହାରିନ ଓଡ଼ିଆ ସମାଜର ସଭାପତି ଦିନେଶ ମହାନ୍ତି କୋଭିଡ କାଳରେ ବାଓସର ସାମାଜିକ, ଦାତବ୍ୟ ଏବଂ ଜନହିତକର କର୍ଯ୍ୟାବଳୀର ସୂଚନା ଦେଇଥିଲେ। କରୋନାର ପ୍ରଥମ ଲହରୀ ପର୍ଯ୍ୟାୟ ବିଭିନ୍ନ ଶିବିରରେ ଅଟକି ରହିଥିବା ଓଡ଼ିଆ ପରିବାର ମାନଙ୍କ ନିକଟରେ ଖାଦ୍ୟ ସାମଗ୍ରୀ ପହୁଁଞ୍ଚାଇବା ଏବଂ ସେମାନଙ୍କୁ ସଫଳତାର ସହିତ ଓଡ଼ିଶାକୁ ପଠାଇବା ତଥା କୋଭିଡର ଦ୍ୱିତୀୟ ଦଫାର ତୀବ୍ର ଲହର ସମୟରେ




ଭାରତକୁ ଚିକିତ୍ସା ଉପକରଣ ପ୍ରେରଣ କରିବା ପାଇଁ ଭାରତୀୟ ଦୂତବାସକୁ ପାଣ୍ଠି ଯୋଗାଇଦେବା ନେଇ ବାଓସର ସଦସ୍ୟ ମାନଙ୍କର ଜୋରଦାର ଯୋଗଦାନକୁ ଶ୍ରୀ ମହାନ୍ତି ଭୂରିଭୂରୀ ପ୍ରଶଂସା କରିଥିଲେ।ମୁଖ୍ୟଅତିଥି ରାଜ୍ୟସଭା ସାଂସଦ ଏବଂ କେନ୍ଦ୍ର ବୈଦେଶିକ ମନ୍ତ୍ରଣାଳୟର ସଂସଦୀୟ ପରାମର୍ଶଦାତା କମିଟିର ସଦସ୍ୟ ସୁଜୀତ କୁମାର ତାଙ୍କର ଓଜସ୍ୱିନୀ ଭାଷଣରେ ଗତ ଦୁଇ ଦଶନ୍ଧି ଧରି ସଂଘଟିତ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ। ମିଶନ୍ ଶକ୍ତିର ଉଦାହରଣ ଦେଇ, ଏହା ଦ୍ୱାରା ରାଜ୍ୟର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମହିଳା ମାନଙ୍କର ସାମାଜିକ ଓ ଅର୍ଥନୈତିକ ସଶକ୍ତିକରଣ ଯୋଗୁଁ ହୋଇଥିବା ବ୍ୟାପକ ପ୍ରଗତି ସମ୍ପର୍କରେ ଶ୍ରୀ କୁମାର ଦର୍ଶାଇଥିଲେ। ସମ୍ମାନିତ ଅତିଥି ପ୍ରତିଷ୍ଠିତ ଉଦ୍‌ଯୋଗପତି ଓ ଆସମାକସ୍ ଗ୍ରୁପର ଅଧ୍ୟକ୍ଷ ଡଃ ଦେବ ଲୋକନାଥ ମହାନ୍ତି, ପ୍ରବାସୀ ଓଡ଼ିଆମାନେ ଓଡ଼ିଶାର ଉତ୍କୃଷ୍ଟ କଳା, ଉତ୍ତୁଙ୍ଗ ଐତିହ୍ୟ, ମହାନ୍ ସଂସ୍କୃତି ଏବଂ ଉନ୍ନତ ଭାଷାର ବାର୍ତ୍ତା ଦ୍ୱାରା ସମଗ୍ର ବିଶ୍ୱକୁ ଉଦବୁଦ୍ଧ କରିବାକୁ ଆହ୍ୱାନ ଜଣାଇଥିଲେ। ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ମାତା ଅକ୍ଷୟ କୁମାର ପରିଜା ଓଡ଼ିଆ ଚଳଚ୍ଚିତ୍ରର ମହତ୍ତ୍ୱ ଏବଂ ଓଡ଼ିଶୀ ନୃତ୍ୟର ବିଶ୍ୱ ଆଦୃତି ଉପରେ ଆଲୋକପାତ କରିଥିଲେ। ବରେଣ୍ୟ ଅତିଥି ଭାରତୀୟ ଦୂତାବାସର ଦ୍ୱିତୀୟ ସଚିବ ଇଜହାସ ଅସଲାମ୍ ଉତ୍କଳ ଦିବସ ଉପଲକ୍ଷେ ପ୍ରବାସୀ ଓଡ଼ିଆମାନଙ୍କୁ ବଧାଇ ଜଣାଇବା ସାଙ୍ଗକୁ ବାହାରିନସ୍ଥିତ ଭାରତୀୟ ମାନଙ୍କ ଦ୍ୱାରା ଏହିଭଳି ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ ନିୟମିତ ଭାବରେ ଆୟୋଜନ କରାଯିବା ଉପରେ ଜୋର୍ ଦେଇଥିଲେ।ଉପସ୍ଥିତ ମାନ୍ୟଗଣ୍ୟ ଅତିଥିମାନଙ୍କ ମଧ୍ୟରେ ପ୍ରଖ୍ୟାତ କଥକ ନୃତ୍ୟଶିଳ୍ପୀ ଖଲିଲ ଆଲ ଆସାର, ଗଲଫ୍ କୋର୍ଡିନେଶନ କାଉନସିଲ, କିଙ୍ଗଡମ୍ ଅଫ ସାଉଦି ଆରାବିଆ ଏବଂ କଳିଙ୍ଗନର ପ୍ରତିନିଧି ବୃନ୍ଦ ତଥା ବାହାରିନରେ ଅବସ୍ଥାପିତ ବିଭିନ୍ନ ଭାରତୀୟ ସଂସ୍ଥାର କର୍ମକର୍ତ୍ତାମାନେ ଅନ୍ତର୍ଭୁକ୍ତ ଥିଲେ।ଉତ୍କଳ ଦିବସ ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଲୋକପ୍ରିୟ ଗାୟିକା ଓ ଗାୟକ ଯଥାକ୍ରମେ ଅନିନ୍ଦିତା ଦାସ ଏବଂ ଅଭିଜିତ ମଜୁମଦାରଙ୍କର ମନୋଲୋଭା ସଙ୍ଗୀତ ପରିବେଷଣ ବିଶେଷ ଆକର୍ଷଣ ଥିଲା। ଏହାସହିତ ବାଓସର ସଦସ୍ୟ ମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାୟନ, ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ, ଋଷି କପୁରଙ୍କ ସ୍ମୃତି ଉଦ୍ଦେଶ୍ୟରେ ବଲିଉଡ୍ ନୃତ୍ୟ ପ୍ରଦର୍ଶନ, ବାଲୁତ କଳାକାରମାନଙ୍କ ଦ୍ୱାରା ପଣା ସଂକ୍ରାନ୍ତି, କାର୍ତ୍ତିକ ପୂର୍ଣ୍ଣିମା ଓ ରଥଯାତ୍ରା ଆଦି ପର୍ବପର୍ବାଣୀ ଉପରେ ଆଧାରିତ ନୃତ୍ୟ ନାଟିକା ମଞ୍ଚସ୍ଥ ଏବଂ ସ୍ୱର୍ଗତଃ ଲତା ମଙ୍ଗେସକରଙ୍କର ସଙ୍ଗୀତକୁ ଆଧାର କରି ବାଓସର ଯୁବବାହିନୀ ଦ୍ୱାରା ପ୍ରଦର୍ଶିତ ହିନ୍ଦୀ ସିନେମା ଜଗତର ବହୁ ଆଦୃତ ନୃତ୍ୟ ସମୂହ ଉତ୍ସବର ଅନ୍ୟତମ ଆକର୍ଷଣ ଥିଲା। ବାଓସର ପୁରୁଷ ଓ ମହିଳା ସଦସ୍ୟ ମାନଙ୍କ ଦ୍ୱାରା ମଞ୍ଚ ଉପରେ ଓଡ଼ିଆ ହସ୍ତତନ୍ତର ଅନନ୍ୟ ନମୁନା ପ୍ରଦର୍ଶନକୁ ଦର୍ଶକ ମାନେ ବେଶ୍ ଉପଭୋଗ କରିଥିଲେ। ସଭା କକ୍ଷରେ ମଲଟିମିଡ଼ିଆ ଜରିଆରେ ଉତ୍କଳ ଦିବସର ମାହାତ୍ମ୍ୟ ଏବଂ ଓଡ଼ିଶା ମାଟିର ମହକ ସଂକ୍ରାନ୍ତରେ ବିଶେଷ ଉପସ୍ଥାପନା ପ୍ରଦର୍ଶନ କରାଯାଇଥିଲା। ସମଗ୍ର କାର ?ୟ୍ୟକ୍ରମକୁ ପ୍ରବୋଧ କୁମାର ଷଡ଼ଙ୍ଗୀ, ଅର୍ପିତା ସାହୁ, ସୁନୀତା ସୁକଲ୍ୟାଣୀ, ମାନସୀ ମହାପାତ୍ର, ରତ୍ନା ପଟ୍ଟନାୟକ, ଯଶଶ୍ରୀ ଜେନା, ଗାର୍ଗୀ ଷଡ଼ଙ୍ଗୀ ଓ ଅଦିତି ସାହୁ ପ୍ରମୁଖ ଖୁବ୍ ସ୍ୱଭାବ, ସୁଲଭ ତଥା ସାବଲୀଳ ଢଙ୍ଗରେ ଉପସ୍ଥାପନା ଓ ପରିଚାଳନା କରିଥିଲେ।

# ଚିତରଞ୍ଜନ ମହାନ୍ତି ହିଁ ମୁଖ୍ୟ ଅଭିଯୁକ୍ତ, ରଚିଥିଲା ହତ୍ୟାର ଯୋଜନା: ବଲାଙ୍ଗିର ଏସପି

ବଲାଙ୍ଗିର, (ପି.ଏନ): ବଲାଙ୍ଗିର ହିଟ୍ ଆଣ୍ଡ ରନ୍ ଘଟଣା ଏକ ଯୋଜନାବଦ୍ଧ ହତ୍ୟା ଷଡ଼ଯନ୍ତ୍ର ଥିଲା। ଚିତରଞ୍ଜନ ମହାନ୍ତି ହିଁ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ। ସେ ହିଁ ହତ୍ୟା ଉଦ୍ୟମ କରି ଏହାକୁ ଦୁର୍ଘଟଣାର ରୂପ ଦେବାକୁ ଚେଷ୍ଟା କରିଥିଲା। ଗଣମାଧ୍ୟମ ସମ୍ମୁଖରେ ବଲାଙ୍ଗିର ଏସପି ନୀତିନ୍ କୁଶଲକର ଡାଗଡୁ ଏପରି ଚାଂଚଲ୍ୟକର ସୂଚନା ଦେଇଥିବା ବେଳେ ସିସିଟିଭି ଫୁଟେଜରୁ ମଧ୍ୟ ଏହା ସ୍ପଷ୍ଟ ହେଉଛି।ଜମିଜମା ବିବାଦରୁ ହୋଇଥିବା ଏହି ଯୋଜନାବଦ୍ଧ ହତ୍ୟା ଷଡ଼ଯନ୍ତ୍ରରେ ଚିତରଞ୍ଜନଙ୍କ ସମେତ ୩ ଜଣଙ୍କ ସମ୍ପୃକ୍ତି ରହିଛି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମୁଖ୍ୟ ଅଭିଯୁକ୍ତ ଚିତର ଗୋଡ଼ ଭାଙ୍ଗିଥିବା ବେଳେ ବଲାଙ୍ଗିର ପୁଲିସ୍ ହେପାଜତରେ ତା'ର ଚିକିତ୍ସା ଚାଲିଛି। ଗତକାଲି ପୋଲିସ୍ ୨ ଜଣଙ୍କୁ ଆଣି ପଚରାଉଚରା କରୁଥିବା ବେଳେ ସେମାନଙ୍କୁ ଛାଡ଼ି ଦେଇଥିବା ଜଣାଯାଇଛି। ଏହାବାଦ ଏହି ଘଟଣାକୁ ବାସ୍ତବ ରୂପ ଦେବାକୁ ତଥା ବ୍ଲୁ ପ୍ରିଂଟ ପ୍ରସ୍ତୁତ କରିବାକୁ ଚିତ ମହାନ୍ତିକୁ ଆଉ ୨ ଜଣ ସହଯୋଗ କରିଥିବା ଜଣାପଡ଼ିଛି। ସେମାନଙ୍କୁ ବଲାଙ୍ଗୀର ପୋଲିସ୍ ଖୋଜୁଛି।ମିନି ଟ୍ରକରେ ୨ ଜଣ ଥିବା ବେଳେ ଏହାକୁ କିଏ ଚଳାଉଥିଲେ ତାର ତଦନ୍ତ ଚାଲିଛି ବୋଲି କହିଛନ୍ତି ଏସପି। ହେଲେ ଏବେ ଭାଇରାଲ ହେଉଥିବା ଏକ ଭିଡିଓରେ ମିନି ଟ୍ରକ୍ର ଡ୍ରାଇଭର ସିଟ୍ ରେ ଚିତ ରଞ୍ଜନ ମହାନ୍ତି ବସିଥିବା ଦେଖିବାକୁ ମିଳିଛି। ସେଥିରୁ ଚିତ ହିଁ ଗାଡ଼ି ଚଳାଉଥିବା ସ୍ପଷ୍ଟ ଜଣାପଡୁଛି।ଗତ ଶନିବାର ହୋଇଥିବା ଏହି ଦୁର୍ଘଟଣା ଯେ ଦୁର୍ଘଟଣା ନୁହେଁ, ତାହା ପ୍ରଥମରୁ ହିଁ ସନ୍ଦେହ ହେଉଥିଲା। ପରେ ସ୍ପଷ୍ଟ ଜଣାପଡ଼ିଲା ଯେ, ସାନୁ ନାୟକଙ୍କୁ ଗାଡ଼ି ମଡ଼ାଇ ହତ୍ୟା କରିବାକୁ ଉଦ୍ୟମ କରାଯାଇଥିବା ବେଳେ ଏହାକୁ ଦୁର୍ଘଟଣାର ରୂପ ଦେବାକୁ ଷଡ଼ଯନ୍ତ୍ର ହୋଇଥିଲା। ସୌଭାଗ୍ୟବଶତଃ ସାନୁ ବଂଚି ଯାଇଥିଲେ ମଧ୍ୟ ତାଙ୍କ ସାଙ୍ଗରେ ଥିବା ଶ୍ରୀକାନ୍ତ ବାଗଙ୍କ ମୃତ୍ୟୁ ହୋଇଥିଲା। ଏହା ଏକ ସନ୍ଦେହଜନକ ଦୁର୍ଘଟଣା ବୋଲି ବଲାଙ୍ଗିର ପୁଲିସ୍ ପ୍ରାଥମିକ ତଦନ୍ତରୁ ଜାଣିବା ପରେ ଏହାର ଅଧିକ ତଦନ୍ତ ପାଇଁ ଶନିବାର ଅପରାହ୍ନରେ ଏକ ଟିମ୍ ମେଡିକାଲରେ ପହଂଚିଥିଲା। ମାତ୍ର ସେତେବେଳେ ସେଠାରେ ଚିତ ନଥିବା ବେଳେ ସେ ବିଶାଖାପାଟଣା ପଳାଇବାକୁ ଉଦ୍ୟମ କରୁଥିଲା। ଏକଥା ଜାଣିପାରି ବଲାଙ୍ଗିର ପୋଲିସ ଥୁଆମୁଳ ପୋଲିସ୍ ସହାୟତାରେ ତାକୁ ଓଡ଼ିଶା- ଆନ୍ଧ୍ର ସୀମାନ୍ତରୁ ଧରିବାରେ ସଫଳ ହୋଇଛି। ତାକୁ ବଲାଙ୍ଗିର ଅଣାଯାଇଛି। ଏବେ ତା'ର ଚିକିତ୍ସା ଚାଲିଥିବା ବେଳେ ଚିତ ମହାନ୍ତି ସୁସ୍ଥ ହେବା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ବଲାଙ୍ଗୀର ଏସପି। ସିସିଟିଭିରେ କଏଦ ହୋଇଛି ଦୁର୍ଘଟଣାର ଦୃଶ୍ୟ। ପୁଲିସର ଚନା ଅନୁସାରେ, ଦୁର୍ଘଟଣା ପରେ ୨ ଜଣ ରାସ୍ତାରେ ପଡ଼ି ଛଟପଟ ହେଉଥିଲେ। କୌଣସି ବ୍ୟକ୍ତି ଚିତ ମହାନ୍ତିକୁ ପ୍ରଥମେ ମେଡିକାଲ ନେଇଥିଲେ। ତାଙ୍କୁ କିଏ ମେଡିକାଲ ନେଇଥିଲେ ପୁଲିସ ଏବେ ତାହାର ତଦନ୍ତ ଚଳାଇଛି। ଫିଲ୍ମ ଷ୍ଟାଇଲରେ ଏହି ହତ୍ୟା ଯୋଜନା ହୋଇଥିବା ବେଳେ ଏହାକୁ ଦୁର୍ଘଟଣାର ରୂପ ଦେବାକୁ ସମସ୍ତ ପ୍ରକାର ଚେଷ୍ଟା ହୋଇଥିଲା। କିଲର ମିନି ଟ୍ରକ ନମ୍ବର ପ୍ଲେଟରେ କିଛି ସମୟ ପୂର୍ବରୁ କାଳି ବୋଳାଯାଇଥିଲା। ତା' ନମ୍ବର ଭୁଲ ଥିବା ତଦନ୍ତରୁ ଜଣାପଡ଼ିଥିଲା। ଏହିପରି ତଦନ୍ତରୁ ଅନେକ ଗହନ କଥା ଧୀରେ ଧୀରେ ପଦାକୁ ଆସିବାରେ ଲାଗିଛି।

# କୋର୍ଟରେ ଆତ୍ମସମର୍ପଣ କଲେ ଚିଲିକା ବିଧାୟକ

ଖୋର୍ଦ୍ଧା,(ପି.ଏନ): ନିକଟରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ନିୟମିତ ଜାମିନ ଆବେଦନକୁ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଥିଲେ। ଏଥିସହ ଅନ୍ତରିଣ ଜାମିନରେ ଥିବା ବିଧାୟକଙ୍କୁ ସୋମବାର ବାଣପୁର ତଳ କୋର୍ଟରେ ଆତ୍ମସମର୍ପଣ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ଏହି ନିର୍ଦ୍ଦେଶକୁ ପାଳନ କରିଛନ୍ତି ବିଧାୟକ। ଯାହାକୁ ନେଇ ବାଣପୁର ଜେଏମଏଫସି କୋର୍ଟରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଆଜି ଆତ୍ମସମର୍ପଣ କରିଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ବିଧାୟକ ଆଜି ଅପରାହ୍ନ ୨ଟା ସମୟରେ ବାଣପୁର ଜେଏମଏଫସି କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ସମସ୍ତ ନ୍ୟାୟିକ ପ୍ରକ୍ରିୟା ଶେଷ ହେବା ପରେ ବିଧାୟକ ପୁଣି ବାଣପୁର ସବ ଜେଲ ଯାଇପାରନ୍ତି ବୋଲି କୁହାଯାଉଛି।

# ସ୍ତ୍ରୀ କୁ ନେଇଗଲେ ଶଶୁରଘର , କୀଟନାଶକ ଖାଇ ଜୀବନ ହାରିଲା ସ୍ୱାମୀ

ମାଲକାନଗିରି,(ପି.ଏନ):ଭଲପାଇ ବାହା ହେବାର କରୁଣ ପରିଣତି। ଅନ୍ୟ ଜାତିର ପୁଅକୁ ବାହା ହେବାରୁ ପୁଅ ଠାରୁ ଝିଅକୁ ଛଡାଇ ନେଲେ ଝିଅ ଘର ଲୋକେ। ଫଳ ଏମିତି ହେଲା ଯେ ମାନସିକ ଭାରସାମ୍ୟ ହରାଇ କିଟନାଶକ ପିଇ ଆତ୍ମହତ୍ୟା କଲେ ଯୁବକ। ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲାରେ। ମାଲକାନଗିରି ସଦର ବ୍ଲକ ଗୌଡ଼ଗୁଡା ପଞ୍ଚାୟତ ଏମଭି ୯ ଗ୍ରାମରେ ସୁଜିତ ହାଲଦାର ନାମକ ଜଣେ ଯୁବକ ବଇଲାପରି ଗ୍ରାମର ଜଣେ ଆଦିବାସୀ ଯୁବତୀଙ୍କୁ ଭଲ ପାଉଥିଲେ।ଉଭୟଙ୍କ ବିବାହ ବୟସ ହୋଇଥିବାରୁ ଘରୁ ବାହାରି ଯାଇ କୋର୍ଟରେ ବିବାହ କରିଥିଲେ ଦୁହେଁ। ପରେ ଜଣେ ସଂପର୍କୀୟଙ୍କ ଘରେ ବୈଦିକ ରିତିରେ ବାହା ହୋଇ ସ୍ତ୍ରୀକୁ ନେଇ ସୁଜିତ ନିଜ ଘରକୁ ଫେରିଥିଲା।

# ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି

ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି। ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା। ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି। ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ। ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି। ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା। ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ। ପ୍ରତିଟି ଦିନ ଅତିବାହିତ ହେବାସହିତ



ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା। ଏଭଳି ପରିସ୍ଥିତିରେ ଭାଙ୍ଗିପଡିଥିବା ପୁଷ୍ପାଞ୍ଜଳି ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପରିବାରର ସ୍ଥିତିରେ ଉନ୍ନତି ଆଣିବାକୁ ସ୍ଥିରକଲେ। ସେ ଅଧିକାର ମାଇକ୍ରୋଫାଇନାନ୍ସର ମାଇକ୍ରୋଫାଇନାନ୍ସ ସୁବିଧା ସମ୍ପର୍କରେ ଅବଗତ ହେଲେ, ଅଧିକାରର ଟିମ୍ ନିକଟରୁ ସେମାନଙ୍କ ସେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝିବା ପରେ ସେ ତୁରନ୍ତ ଅଧିକାରର ଜଣେ ସଦସ୍ୟ ହୋଇଗଲେ। ଏକ କ୍ଷୁଦ୍ର ତନ୍ତ ଦୋକାନ ଆରମ୍ଭ କରିବାକୁ ପ୍ରଥମେ ସେ ୧୦,୦୦୦ ଟଙ୍କା ଋଣ ନେଲେ। ନିଜ ସ୍ୱାମୀଙ୍କର ବୁଣାବୁଣି ଅଭିଜ୍ଞତାକୁ ଉପଯୋଗ କରି ସେମାନେ ସୁନ୍ଦର ସୁନ୍ଦର ସମ୍ବଲପୁରୀ ଶାଢୀ ତିଆରି କରିବା ଆରମ୍ଭକଲେ, ଯାହାକୁ ଗ୍ରାହକମାନେ ଅତ୍ୟନ୍ତ ପସନ୍ଦକଲେ ଏବଂ ସେମାନଙ୍କର ଆୟ ବୃଦ୍ଧିପାଇବାକୁ ଲାଗିଲା। ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ବଳରେ ତାଙ୍କ ବ୍ୟବସାୟ ଲୋକପ୍ରିୟତା ହାସଲ କଲା ଏବଂ ତାହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଲା। ସେମାନେ ମାସକୁ ୬୦୦୦ରୁ ୭୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିବା ଆରମ୍ଭକଲେ। ତାଙ୍କର ପ୍ରଥମ ଋଣ ଅର୍ଥ ସଫଳତାର ସହିତ ପରିଶୋଧ କରିବାପରେ ସେ ନିଜ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ଆଉ ୩୫,୦୦୦ ଟଙ୍କା ଋଣ ନେଲେ। କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ଅଧିକାର ନିକଟରୁ ସାମାନ୍ୟ ସମର୍ଥନ ପାଇ ପୁଷ୍ପାଞ୍ଜଳି ତାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସମର୍ଥ ହେଲେ।

# ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି। ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେଫ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି। କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି। ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ। ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ପଷ୍ଟ ଭାବେ ଜଣାଇଛି। ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା। ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୁପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି। ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି। ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କାର୍ତ୍ତିକ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ,ରଜତ କୁମାର ଗିରି, କୈାଳାଶ ଚନ୍ଦ୍ର ଜେନା,ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ,ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ,ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି।

## ପୋଲିସ ଓ ପ୍ରେସ ତିନି ଦିନିଆ କ୍ରିକେଟ ସିରିଜ :ପୋଲିସ ଟିମ୍ ଚମ୍ପିୟାନ

କନ୍ଧମାଳ, (ପି.ଏନ): ଶୁକ୍ରବାର ଠାରୁ ପୋଲିସ ଓ ଗଣମାଧ୍ୟମ ମଧ୍ୟରେ ୩ ଦିନିଆ ସମର କ୍ରିକେଟ ସିରିଜ ମେଚରେ ତିନୋଟି ଯାକ ମେଚରେ ପୋଲିସ ଟିମ ବିଜୟୀ ହୋଇ ଚମ୍ପିୟାନ ଟ୍ରଫି ହାସଲ କରିଛି।ପୋଲିସ ଓ ଗଣମାଧ୍ୟମ ମଧ୍ୟରେ ସଦଭାବ ଓ ସୁ-ସମ୍ପର୍କ ବୃଦ୍ଧି କରିବାରେ ଏହି ଖେଳ ସାହାଯ୍ୟ କରିବ ଓ ଆଗାମୀ ଦିନରେ ବି ମେଚ ଜାରୀ ରହିବ ବୋଲି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବରିଷ୍ଠ ପୋଲିସ ଅଧିକାରୀ ଏସ. କେ. ଦଣ୍ଡସେନା, ସମ୍ମାନିତ ଅତିଥି ଭାବେ ଆର ଆଇ ଧର୍ମେନ୍ଦ୍ର ପ୍ରଧାନ, ଏସଡିପିଓ ମହେନ୍ଦ୍ର ନାଥ ମୁର୍ମୁ, ପ୍ରଦୀପ ପ୍ରଧାନ, ପ୍ରେସ କ୍ଲବ ସଭାପତି ସୁନୀଲ ପଟନାୟକ, ସମ୍ପାଦକ ପ୍ରଶାନ୍ତ ବେହେରା ପ୍ରମୁଖ ମତବ୍ୟକ୍ତ କରିଥିଲେ।ରବିବାର ଅନୁଷ୍ଠିତ ପନ୍ଦର ଓଭର ବିଶିଷ୍ଟ ଫାଇନାଲ ମେଚ ରେ ପ୍ରେସ ଟିମ ଟସ ଜିତି ପୋଲିସ ଟିମ କୁ ବ୍ୟାଟିଂ କରିବା ଲାଗି କହିଥିଲା ଆଉ ପୋଲିସ ଟିମ ମୋଟ ୧୫ ଓଭର ଖେଳି ତିନି ଉଇକେଟ ହରାଇ ଶହେ ନବେ ରନ ସଂଗ୍ରହ କରି ଥିବା ବେଳେ ଜବାବ ରେ ପ୍ରେସ ଟିମ ମାତ୍ର ୮୯ ରନ ସଂଗ୍ରହ କରିବାରେ ସମର୍ଥ ହୋଇଥିଲା।ପୋଲିସ ଏସଡିପିଓ ମହେନ୍ଦ୍ର ନାଥ ମୁର୍ମୁ ଟିମ ର ନେତୃତ୍ୱ ନେଇ ନିଜେ ମଧ୍ୟ ସୁନ୍ଦର ଭାବେ ବୋଲିଙ୍ଗ କରି ଦୁଇଟି ଉଇକେଟ ନେଇଥିଲେ। ପ୍ରେସ ଟିମ କ୍ୟାପଟେନ ଶିବ ସୁନ୍ଦର ନାୟକ ଓ ଭାଇସ କ୍ୟାପଟେନ ବାଳକୃଷ୍ଣ ଚର୍ଚ୍ଚି ପ୍ରାଣମୂର୍ଚ୍ଛା ଉଦ୍ୟମ କରି ମଧ୍ୟ ବିଫଳ ହୋଇଥିଲେ। ବରିଷ୍ଠ ସାମ୍ବାଦିକ ତଥା ପ୍ରେସ କ୍ଲବ ସଭାପତି ସୁନୀଲ ପଟନାୟକ ରନର୍ସ ଅପ ସିଲ ଟିମ କ୍ୟାପଟେନ ଶିବ ଶଙ୍କର ନାୟକଙ୍କୁ ପ୍ରଦାନ କରିଥିଲେ।

# ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ

ଭୁବନେଶ୍ୱର (ପିଏନ)- ତିର୍ତ୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗତିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ୍ୟ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ। ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ। ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ୍ୟ ନାହିଁ। କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ



ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ। ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ। ତେଣୁ ତିର୍ତ୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମ୍‌ବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




# ବରିଷ୍ଠ ସ୍ତମ୍ଭଲେଖକ ଆର୍ତ ମିଶ୍ର ପାଇଲେ ଅଷ୍ଟାଦଶ ନାରଦ ସମ୍ମାନ



ଭୁବନେଶ୍ୱର (ପିଏନ୍): ଅର୍ଦ୍ଧ ଶତାବ୍ଦୀର ସାମ୍ବାଦିକତା ଓ ସ୍ତମ୍ଭ ରଚନା ସମୟ ମଧ୍ୟରେ ତିନି ଦଶନ୍ଧି ଇଂରାଜୀ ଭାଷାରେ ଏବଂ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଓଡିଆ ଭାଷାରେ ସାଧନା ଜାରି ରଖିଥିବା, ଯାହାଙ୍କର ରୋକ୍ ଠୋକ୍ ଶବ୍ଦ ଓ ବେସାଲିସ ଆଭିମୁଖ୍ୟ ତାଙ୍କୁ ଜଣେ ପ୍ରଚଣ୍ଡ ରାଷ୍ଟ୍ରବାଦୀ ସ୍ତମ୍ଭକାର ଭାବେ ପରିଚିତ କରାଇଛି, ସେଭଳି ଜଣେ ଦେଶପ୍ରେମୀ ସ୍ତମ୍ଭକାର ଶ୍ରୀ ଆର୍ତ ମିଶ୍ରଙ୍କୁ ତାଙ୍କର ଜୀବନବ୍ୟାପୀ ସାଧନା, ଅଧ୍ୟବସାୟ ଓ ସାମ୍ବାଦିକତା କ୍ଷେତ୍ରକୁ ଅବଦାନ ନିମନ୍ତେ ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡିଶା ତରଫରୁ ୨୦୨୨ ବର୍ଷ ପାଇଁ ମର୍ଯ୍ୟାଦାପୂର୍ଣ୍ଣ ନାରଦ ସମ୍ମାନରେ ବିଭୂଷିତ କରାଯାଇଛି।

ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡିଶା ତରଫରୁ ବରିଷ୍ଠ ସ୍ତମ୍ଭ ଲେଖକ ଅଧ୍ୟାପକ ନିରଞ୍ଜନ ପାଢୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ 'ଅଷ୍ଟାଦଶ ନାରଦ ସମ୍ମାନ' ଉତ୍ସବ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଓଡିଶାର ଅବସରପ୍ରାପ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ବିଶିଷ୍ଟ ସାହିତ୍ୟିକ ଡ. ଶ୍ରୀଯୁକ୍ତ ରବିନାରାୟଣ ସେନାପତି ମୁଖ୍ୟ ଅତିଥି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର ସମ୍ପର୍କ ପ୍ରମୁଖ ଆଡଭୋକେଟ ଶ୍ରୀ ସର୍ବେଶ୍ୱର ବେହେରା ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ।

ଶ୍ରୀ ମିଶ୍ରଙ୍କୁ ମାନପତ୍ର, ଉତରୀୟ, ନାରିକେଳ ଓ ଦଶ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଶ୍ରୀ ସାଇ ପ୍ରସାଦ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାରଦ ଜୟନ୍ତୀ ସମାରୋହ ସମିତିର ବରିଷ୍ଠ ସଦସ୍ୟ ଶ୍ରୀ ସୁମନ୍ତ କୁମାର ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ୟୁନିଟ-୮, ଭୁବନେଶ୍ୱରର ଶିଶୁମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ ।

ବିଶ୍ୱ ସମ୍ବାଦ କେନ୍ଦ୍ର,ଓଡିଶା ତରଫରୁ ଗଣମାଧ୍ୟମରେ ସ୍ୱାଧିନତା ସମ୍ବନ୍ଧରେ ସଚେତନତା ସୃଷ୍ଟି କରୁଥିବା, ଜନସାଧାରଣଙ୍କୁ ନିରପେକ୍ଷ,ମୁକ୍ତ ଓ ଦାୟିତ୍ୱ ସମ୍ପନ୍ନ ସମ୍ବାଦ ପରିବେଷଣ ସହ ରାଷ୍ଟ୍ରୀୟ ବିଚାରଧାରାର ପ୍ରସାର ପାଇଁ ଲେଖନୀ ଚାଳନା କରୁଥିବା ଗଣମାଧ୍ୟମର ବ୍ୟକ୍ତିତ୍ୱଙ୍କୁ ପ୍ରତି ବର୍ଷ ନାରଦ ଜୟନ୍ତୀରେ ରାଜ୍ୟ ସ୍ତରୀୟ ନାରଦ ସମ୍ମାନ ପ୍ରଦାନ କରାଯାଇଥାଏ । ୨୦ବର୍ଷ ଧରି ବିଶ୍ୱ ସମ୍ବାଦ କେନ୍ଦ୍ର ତରଫରୁ ଆଦ୍ୟ ସାମ୍ବାଦିକ ଦେବର୍ଷି ନାରଦଙ୍କ ଜୟନ୍ତୀ ପାଳନ କରାଯିବା ସହ ରାଜ୍ୟର ଜଣେ ବରିଷ୍ଠ ତଥା ବିଶିଷ୍ଟ ସାମ୍ବାଦିକଙ୍କୁ ରାଜ୍ୟସ୍ତରୀୟ ନାରଦ ସମ୍ମାନ ପ୍ରଦାନ କରାଯାଉଛି । ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ବରିଷ୍ଠ ସାମ୍ବାଦିକ ଶ୍ରୀ ଅରୁଣ କୁମାର ପଣ୍ଡା, ଶ୍ରୀ ଭଗବାନ ନାୟକବର୍ମା, ଶ୍ରୀ ରାଜାରାମ ଶତପଥି,ଶ୍ରୀ ଗୋପାଳକୃଷ୍ଣ ମହାପାତ୍ର, ସ୍ୱର୍ଗତ ଶ୍ରୀ ଗୋପାଳ ମିଶ୍ର, ଶ୍ରୀ ସୁଧିର କୁମାର ଦାଶ, ସ୍ୱର୍ଗତ ଶ୍ରୀ ବରେନ୍ଦ୍ରକୃଷ୍ଣ ଧଳ,ଶ୍ରୀ ଭାଗିରଥି ମହାସୁଆର, ଶ୍ରୀ ଭାସ୍କର ପରିଚ୍ଛା, ଶ୍ରୀ ପ୍ରଭୂକଲ୍ୟାଣ ମହାପାତ୍ର , ଶ୍ରୀ ପ୍ରତାପ ମହାନ୍ତି, ଶ୍ରୀ ଜଗବନ୍ଧୁ ମିଶ୍ର, ଶ୍ରୀ ସିଦ୍ଧାର୍ଥ କାନୁନ୍‌ଗୋ, ଶ୍ରୀ ଶିବନାରାୟଣ ସିଂହ, ଶ୍ରୀ ତପନ ମିଶ୍ର ଓ ଶ୍ରୀ ସୁବ୍ରତ ଦାଶ ପ୍ରମୁଖ ଏହି ନାରଦ ସମ୍ମାନରେ ସମ୍ମାନୀତ ହୋଇଛନ୍ତି ।

# ପୁରୀ ଜିଲ୍ଲା ଶୌଣ୍ଡିକ ସମାଜ ପକ୍ଷରୁ ବାର୍ଷିକ ବୈଠକ

କୋଣାର୍କ (ପିଏନ୍): କୋଣାର୍କ-ପୁରୀ ବେଳାମାର୍ଗସ୍ଥିତ ମା' ରାମଚଣ୍ଡୀଙ୍କ ପୀଠରେ ପୁରୀ ଜିଲ୍ଲାର ଶୌଣ୍ଡିକ ସମାଜ (ସାତବିଶ ମଣ୍ଡଳ) ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ପୁରୀ ଜିଲ୍ଲାର ଶୌଣ୍ଡିକ ସମାଜର ଆବାହକ ତଥା ରାଜ୍ୟ ସଂଗଠନ ସଂପାଦକ ମଙ୍ଗରାଜ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରାଜ୍ୟ ସଂଗଠନର ମୁଖ୍ୟ ଉପଦେଷ୍ଟା କୋଦଣ୍ଡ ଚୌଧୁରୀ ଓ ଭରତ ମଣ୍ଡଳ ଯୋଗ ଦେଇଥିଲେ । ଏହି ବୈଠକରେ ସଂଗଠନକୁ ସୁଦୃଢ ଓ ସକ୍ରିୟ କରିବା, ସଂଗଠନରେ ସ୍ୱଜାତିର ବ୍ୟକ୍ତିମାନଙ୍କୁ ଅଧିକରୁ ଅଧିକ ସାମିଲ କରାଇବା, ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ବ୍ୟକ୍ତିମାନଙ୍କୁ ସୁବିଧା ସୁଯୋଗ ଯୋଗାଇଦେବା ସଂପର୍କରେ ଆଲୋଚନା ହୋଇଥିଲା । ଏହି ଅବସରରେ ଆଗାମୀ ଦୁଇ ବର୍ଷ ପାଇଁ ସାତବିଶ ମଣ୍ଡଳର କର୍ମକର୍ତ୍ତା ଚୟନ କରାଯାଇଥିଲା । ମଣ୍ଡଳର ସଭାପତି ଭାବେ ଅକ୍ଷୟ କୁମାର ସାହୁ, ଗୋପର ଦେବପ୍ରସାଦ ସାହୁଙ୍କୁ ଉପ-ସଭାପତି, ନୟାହାଟର ଭାସ୍କର ଚନ୍ଦ୍ର ସାହୁଙ୍କୁ ସଂପାଦକ, ଅଲଣ୍ଡାର ଉତ୍ତମ କୁମାର ସାହୁଙ୍କୁ ସହ-ସଂପାଦକ ଭାବେ ସର୍ବସମତିକ୍ରମେ ଚୟନ କରାଯାଇଥିଲା । ବୈଠକର ନିଷ୍ପତ୍ତି ଅନୁଯାୟୀ ଆଗାମୀ ଏକମାସ ମଧ୍ୟରେ ସମଗ୍ର ପୁରୀ ଜିଲ୍ଲାର ଶୌଣ୍ଡିକ ସମାଜର ବ୍ୟକ୍ତିମାନଙ୍କୁ ନେଇ ପୁରୀଠାରେ ଏକ ବୈଠକ ଆୟୋଜନ କରାଯିବ । ଶୌଣ୍ଡିକ ସମାଜର ଅବହେଳିତ ବ୍ୟକ୍ତିମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଇବା ଆମର ମୂଳ ଲକ୍ଷ୍ୟ ବୋଲି କର୍ମକର୍ତ୍ତାମାନେ କହିଥିଲେ । ଏହି ବୈଠକରେ ପୁରୀ ଜିଲ୍ଲା ସାତବିଶ ମଣ୍ଡଳ ଅଧିନରେ ଥିବା କୋଣାର୍କ, ଗୋପ, କାକଟପୁର, ଅସ୍ତରଙ୍ଗ, ନୂଆହାଟ, ନିମାପଡା, ବଳଙ୍ଗା ଓ ବାଲିଘାଇ ଅଧିନରେ ଥିବା ୨୫ଟି ଗ୍ରାମର ୨ଶହରୁ ଅଧିକ ଶୌଣ୍ଡିକ ସମାଜର ବ୍ୟକ୍ତିମାନେ ଉପସ୍ଥିତ ହୋଇଥିଲେ ।

# ବଡ଼ମଙ୍ଗଳପୁର ଗ୍ରାମରେ ସପ୍ତସତୀ ଚଣ୍ଡିଯଜ୍ଞ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚୋରମୁହାଁ ପ ।ୟତ ବଡମଙ୍ଗଳପୁର ଗ୍ରାମର ଗ୍ରାମଦେବତୀ ମା କରଂଜେଇଙ୍କ ମନ୍ଦିର ପ୍ରାଙ୍ଗଣରେ ସପ୍ତସତୀ ଚଣ୍ଡି ଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରାତଃ ସମୟରେ ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ପବିତ୍ର ଜଳ ଅଣାଯାଇ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା । କଳସ ଯାତ୍ରା ସମୟରେ ଗ୍ରାମବାସୀମାନେ ରାସ୍ତାରେ ନୂତନ ଶାଢ଼ୀ ବିଛାଇ ଶୋଭାଯାତ୍ରାକୁ ସ୍ୱାଗତ କରିବା ବେଶ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା । ପରେ ଘଟ ସ୍ଥାପନ କରାଯାଇ ସୂର୍ଯ୍ୟ ପୂଜା, ଗୋ ପୂଜା, ଯଜ୍ଞାରମ୍ଭ କରାଯାଇଥିଲା । ପଣ୍ଡିତ ବିଜୟ କୁମାର କରଙ୍କ ପ୍ରତ୍ୟକ୍ଷ ତ୍ୱାବଧାନରେ ଅନୁଷ୍ଠିତ ଏହି ଯଜ୍ଞ କାର୍ଯ୍ୟରେ ବ୍ରାହ୍ମଣ, ପଣ୍ଡିତ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ଅବସରରେ ମାଙ୍କର ମହାସ୍ନାନ କରାଯିବା ସହ ଷୋଡ଼ଷ ଉପଚାରରେ ପୂଜା କରାଯାଇଥିଲା । ଏହି ସମୟରେ ମାଙ୍କୁ ଦର୍ଶନ କରିବା ପାଇଁ ବଡମଙ୍ଗଳପୁର ଗ୍ରାମବାସୀଙ୍କ ସମେତ ଆଖପାଖ ଅ ଳରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ପରେ ଯଥା ରୀତିନୀତି ଅନୁଯାୟୀ ମାଙ୍କର ପୂଜାର୍ଚ୍ଚନା କରାଯିବା ସହ ଯଜ୍ଞ କାର୍ଯ୍ୟ ସମାପନ ସହ ପୂର୍ଣ୍ଣାହୁତି ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ବଡ଼ମଙ୍ଗଳପୁର ଗ୍ରାମର ଆବାଳ ବୃଦ୍ଧ ବନିତା ସାମିଲ ହୋଇଥିବା ବେଳେ ଗ୍ରାମବାସୀ ଏହାକୁ ପରିଚାଳନା କରିଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ, କିଛି ଦିନ ତଳେ ବଡ଼ମଙ୍ଗଳପୁର ଗ୍ରାମଦେବତୀ ମା କରଂଜେଇଙ୍କ ମନ୍ଦିର ତାଲା ଭାଙ୍ଗି ଦୁର୍ବୃ ମାନେ ମାଙ୍କର ସୁନା ଅଳଙ୍କାର ଲୁଟି ନେଇଥିଲେ । ଫଳରେ ଗ୍ରାମବାସୀମାନେ ଏକାଠି ହୋଇ ଏଭଳି ଯଜ୍ଞର ଆୟୋଜନ କରିଥିଲେ ।

# ଆଜିର ଯୁବପୀଢ଼ି ଓ ବରିଷ୍ଠ ନାଗରିକ

ଭୁବନେଶ୍ୱର(ପିଏନ୍): ଭାରତବର୍ଷର ସ୍ୱପ୍ନ, ସମ୍ଭାବନା ଓ ଭବିଷ୍ୟତ ଦେଶର ଯୁବପିଢ଼ୀଙ୍କ ଉପରେ ନ୍ୟସ୍ତ । ତେବେ ନିକଟ ଭବିଷ୍ୟତରେ ଯୁବ ଶକ୍ତି ଆମ ଦେଶର ସବୁଠାରୁ ବଡ଼ ଶକ୍ତି, ସମ୍ବଳ ଓ ସଂପଦ ହେବାକୁ ଯାଉଛି । ଏ କଥା ବିଭିନ୍ନ ସର୍ବେକ୍ଷଣ ତଥା ପରିସଂଖ୍ୟାନରୁ ସ୍ପଷ୍ଟ ହୋଇଛି । ଏବେ ଆମ ଦେଶରେ ୫୦ ପ୍ରତିଶତଙ୍କ ବୟସ ୨୫ ବର୍ଷ ତଳେ । ଦଶରୁ ଚବିଶ ବର୍ଷ ବୟସ ଗୋଷ୍ଠୀରେ ଏବେ ଅଛନ୍ତି ୩୬୫ ନିୟୁତ ଭାରତୀୟ ଯୁବକ ଯୁବତୀ । ଭାରତୀୟ ଜନ ସଂଖ୍ୟାର ୬୫ ପ୍ରତିଶତଙ୍କ ବୟସ ୩୫ ବର୍ଷ ତଳେ । ଏକ ଆକଳନରୁ ଜଣାପଡ଼ିଛି ଯେ ୨୦୨୦ ମସିହା ଶେଷବେଳକୁ ଭାରତର ଯୁବକଯୁବତୀଙ୍କ ସଂଖ୍ୟା ପୃଥିବୀର ଯେକୌଣସି ଦେଶ ତୁଳନାରେ ସର୍ବାଧିକ ଥିଲା ଏବଂ ସେଇ ସମୟରେ ଭାରତୀୟମାନଙ୍କ ହାରାହାରି ବୟସ ହୋଇଥିଲା ୨୯ । ଏହା ନିଶ୍ଚିତ ଭାବେ ଆଶା ଉଦ୍ରେକକାରୀ । କାରଣ ଯଦି ମାନବ ସମ୍ବଳର ଏକ ବୃହତ୍ ଭାଗ ଯୁବଗୋଷ୍ଠୀ ହେବେ, ତେବେ ସେ ଦେଶର ପ୍ରଗତିର ସେ ଦେଶର ପ୍ରଗତିର ବେଗ ଦ୍ରୁତ ହେବା ଅନିବାର୍ଯ୍ୟ । କିନ୍ତୁ ଏ ପରିପ୍ରେକ୍ଷୀରେ ଆଉ ଏକ ପରିସଂଖ୍ୟାନ ଏହା ବି ଜଣେଇ ଦେଉଛି ଯେ ଭବିଷ୍ୟତର ଯୁବ ଉନ୍ମାଦନା ପରିଚାଳିତ ଭାରତରେ ଏକ ଅଦୃଶ୍ୟ କ୍ଷତ ଭାରତୀୟ ସମାଜକୁ ଯନ୍ତ୍ରଣା ଜର୍ଜରିତ କରୁଥିବ, କିନ୍ତୁ ଅଦୃଶ୍ୟ ହୋଇଥିବା ହେତୁ ତାହା ବାହାରକୁ ଜଣାପଡୁ ନଥିବ । ସେ କ୍ଷତଟି ହେଲା ବରିଷ୍ଠ ନାଗରିକଙ୍କ ସଂଖ୍ୟା ବୃଦ୍ଧି ସହିତ ସେମାନଙ୍କ ଦୟନୀୟସ୍ଥିତି । ବିଭିନ୍ନ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ୬୦ ବର୍ଷ ବୟସରୁ ଅଧିକ ବୟସ ବର୍ଗର ଭାରତୀୟଙ୍କ ସଂଖ୍ୟା ଏବେ ୧୦୪ ନିୟୁତ । କିନ୍ତୁ ଉଦ୍‌ବେଗର କଥା ହେଲା ୨୦୦୬ରୁ ୨୦୫୦ ଭିତର ଅବଧିରେ ଭାରତୀୟ ଜନସଂଖ୍ୟାରେ ୪୦ ପ୍ରତିଶତ ବୃଦ୍ଧି ଦେଖାଦେବାର ସମ୍ଭାବନା ଥିବାବେଳେ ୬୦ବର୍ଷ ବୟସରୁ ଅଧିକ ବୟସ ବର୍ଗର ଲୋକମାନଙ୍କ ସଂଖ୍ୟାରେ କଳ୍ପନାନୀତ ଭାବେ ୨୭୦ ପ୍ରତିଶତ ବୃଦ୍ଧି ଘଟିଥିବ । ଜାତିସଂଘର ଜନସଂଖ୍ୟା ଡିଭିଜନ ସୂତ୍ରରୁ ପ୍ରକାଶ ଯେ ୨୦୫୦ ବେଳକୁ ଭାରତରେ ୮୦ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ହୋଇଥିବ ୪୮ ନିୟୁତ ଏବଂ ୬୦ବର୍ଷ ବୟସରୁ ଅଧିକ ବୟସ ବର୍ଗର ଲୋକଙ୍କ ସଂଖ୍ୟା ହୋଇଥିବ ୩୨୪ ନିୟୁତ । ଏଇ ବୟସ ବର୍ଗର ଲୋକଙ୍କ ଭିତରୁ ଅସଂଖ୍ୟ ବେଶ୍ ସମର୍ଥ ହୋଇଥିବା ସତ୍ତ୍ୱେ କାର୍ଯ୍ୟରୁ ଅବସର ନେବାକୁ ବାଧ୍ୟ ହୋଇଥିବେ ଏବଂ ନିଜ ନିଜ ଘର ଭିତରକୁ ଅପସରି ଯାଇଥିବେ । ବିଭିନ୍ନ କାର୍ଯ୍ୟ କରିବାକୁ ଯୋଗ୍ୟ ହୋଇଥିବା ସତ୍ତ୍ୱେ ସେମାନେ ସୀମାନ୍ତରିତ ହୋଇଯାଇ ଥିବେ । ଜଣାଯାଇଛି ଯେ ଏବେ ଅବସର ନେଉଥିବା ଲୋକଙ୍କ ଭିତରେ ୯୨ ପ୍ରତିଶତ ପେନ୍‌ସନ ପାଆନ୍ତି ନାହିଁ ଏବଂ ୯୦ ପ୍ରତିଶତ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଭିତରେ ଅନ୍ତର୍ଭୁକ୍ତ ନୁହନ୍ତି । ପୃଥିବୀଟା ଯୁବକମାନଙ୍କର ବୋଲି କୁହାଯାଏ । କାରଣ ଯୁବକମାନେ ହିଁ ଏ ଜଗତର ନାନା କାରବାର ଚଳାନ୍ତି । କିନ୍ତୁ କ୍ରମେ ଯେଉଁ ବିଡ଼ମ୍ବିତ ସମୟଟି ଆସିବାକୁ ଯାଉଛି ସେଥିରେ ଦେଖାଯିବ ଯେ ବରିଷ୍ଠ ନାଗରିକମାନେ ଶିକ୍ଷାଦୀକ୍ଷାର ପ୍ରଭାବରୁ, ଖାଦ୍ୟପେୟ ତଥା ଉନ୍ନତ ଚିକିତ୍ସା ସେବାର ପ୍ରସାଦରୁ ଅଧିକ ସକ୍ରିୟ ତଥା ଯୁବକସୁଲଭ ହୋଇପାରିଥିଲେ ମଧ୍ୟ ସେମାନେ ନିଃସଙ୍ଗ ଏବଂ କର୍ମହୀନ ଜୀବନ ଜିଇବାକୁ ବାଧ୍ୟ ହେବେ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆମ ସମୟର ବରିଷ୍ଠ ନାଗରିକଙ୍କ ଉନ୍ନତିକଳ୍ପେ ଅନେକ ଯୋଜନା ଓ ପ୍ରକଳ୍ପ ହାତକୁ ନେଇଛନ୍ତି । ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବରିଷ୍ଠ ନାଗରିକଙ୍କ ଧନଜୀବନ ଓ ସ୍ୱାସ୍ଥ୍ୟ ସୁରକ୍ଷାକୁ ଲକ୍ଷ୍ୟ କରି ସ୍ୱତନ୍ତ୍ର ଭାବେ କିଛି କେନ୍ଦ୍ରୀୟ ଯୋଜନା ହାତକୁ ନେଇଛନ୍ତି ଯାହାକି ପରିଣତ ବୟସରେ ପହଞ୍ଚିଥିବା ଜଣେ ଲୋକଟି ପାଇଁ ଆଶା ସଞ୍ଜିବନୀ ସଦୃଶ । ଓଡ଼ିଶା ସରକାର ଆଉ ପାଦେ ଆଗକୁ ଯାଇ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସମସ୍ତ ସହାୟତା ନିମିତ୍ତ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ବିଶେଷକରି କଟକ-ଭୁବନେଶ୍ୱର ଦ୍ୱୈତ ନଗରୀରରେ ଏକାକୀ ରହୁଥିବା ବରିଷ୍ଠ ନାଗରିକମାନେ କିପରି ନିରାପଦରେ ଜୀବନ ନିର୍ବାହ କରିବେ ଓ ତାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଗଲେ ଓଡ଼ିଶା ପୋଲିସର ନିୟୋଜିତ କିଛି ସ୍ୱତନ୍ତ୍ରକର୍ମୀ ମାନେ ସେମାନଙ୍କ ଦାୟିତ୍ୱ ସୁରକ୍ଷା ନେବା ପାଇଁ ଗୃହବିଭାଗ ଏ ନେଇ କାର୍ଯ୍ୟ ଆରମ୍ଭ କରିସାରିଲାଣି । କେବଳ ସେତିକି ନୁହେଁ ବ୍ୟାଙ୍କରୁ ଟଙ୍କା ଉଠାଇବା ହେଉ ବା ନିଜ ଦେହପା ଜନିତ ସମସ୍ୟା ଡାକ୍ତରଙ୍କୁ ଦେଖାଇବା ଏସବୁ କାମ ପାଇଁ ନିକଟଅତୀତରେ ଓଡ଼ିଶା ସରକାରଙ୍କର 'ପୋଲିସ ପୁଅ' ଶୀର୍ଷକ କାର୍ଯ୍ୟକ୍ରମ ହାତକୁ ନେଇ ସମାଜର ଏହି ବର୍ଷିୟାନ ନାଗରିକଙ୍କ ସେବା ପାଇଁ ସମର୍ପିତ ହୋଇପାରିଛି । ସମାଜରେ ଯୁବପିଢ଼ୀମାନେ ପରିଣତ ବୟସରେ ପହଞ୍ଚିଥିବା ଏହି ଅଭିଜ୍ଞସମ୍ପନ୍ନ ଓ ଗରିମାମୟ ବ୍ୟକ୍ତିତ୍ୱଙ୍କର ଅନୁଭୂତିକୁ ନିଜ ଜୀବନରେ କାର୍ଯ୍ୟକାରୀ କରିପାରିଲେ ଏକ ସାମାଜିକ ଆନ୍ଦୋଳନ ସୃଷ୍ଟି ହୋଇପାରିବ ।

# ସାହିତ୍ୟ ଅନ୍ଧାରରୁ ଆଲୋକର ବାଟ ଦେଖାଏ



ଧର୍ମଶାଳା (ପିଏନ୍): ସାହିତ୍ୟ ଅନ୍ଧାରରୁ ଆଲୋକର ବାଟ ଦେଖାଏ ବୋଲି ଗ୍ରାମାଂଚଳରୁ ପ୍ରକାଶ ପାଉଥିବା ସାହିତ୍ୟ ପତ୍ରିକାର ତ୍ରୟୋବିଂଶ ବାର୍ଷିକ ଉତ୍ସବରେ ଅତିଥିମାନେ ମତପ୍ରକାଶ କରିଛନ୍ତି । ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିଅମ ଠାରେ ସାହିତ୍ୟ ଦର୍ପଣ ପତ୍ରିକାର ବାର୍ଷିକ ଉତ୍ସବ ଅଧ୍ୟାପକ ତ୍ରିଲୋଚନ ରଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଭାବେ ଶିଶୁ ସହିତ୍ୟିକ ଡ. ରାଜକିଶୋର ପାଢୀ, ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବୟିତ୍ରୀ ସୁଚେତା ମିଶ୍ର, କବି ଡ. ଗୌତମ ଜେନା ଯୋଗଦେଇ ନାରିବାଦ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ସାହିତ୍ୟ ଦର୍ପଣ ପତ୍ରିକାର ବିଶେଷାଙ୍କ ଡ. ବିଦୁଭୁଷଣ ପଣ୍ଡାଙ୍କ ଗଳ୍ପ ପୁସ୍ତକ 'ଦେବବ୍ରତ' ପୁସ୍ତକକୁ ଅତିଥିମାନେ ଲୋକାର୍ପିତ କରିଥିଲେ । ଅଭ୍ୟର୍ଥନା ସମିତି ସଭାପତି ପ୍ରସନ୍ନ ରାଉତ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ଡ. ପ୍ରଜ୍ଞା ପ୍ରବର୍ତିକା ଦାଶ ସଂଚାଳନ କରିଥିଲେ । ଦ୍ୱିତୀୟ ଅଧିବେଶନରେ କବିତା ପଠୋତ୍ସବ କବି ଚିତରନ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । କବି ମୋହିତ ଚକ୍ରବର୍ତୀ, ମିରିନା ମହାି, ଅମ୍ରିତା ସିଂ, ପ୍ରବିଣ କବି ପିନାକୀ ମିଶ୍ର, ଡ. ଭରତ




ବେହେରା, ବ୍ୟଙ୍ଗ କବି ଜ୍ଞାନ ହୋତା, ରଶ୍ମୀ ରଂଜନ ନାୟକ, ଲାବଣ୍ୟ ନାୟକ, ବିଚିତ୍ରା ଦାଶ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଅନ୍ତିମ ଅଧିବେଶନରେ ପତ୍ରିକାର ସମ୍ପାଦକ ବିମଳ ଚନ୍ଦ୍ର ପତି ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ସାହିତ୍ୟ ମଣିଷକ ସତ୍ୟ ପଥର ରାସ୍ତା ଦେଖାଇଥାଏ ବୋଲି କହିଥିଲେ । ଅତିଥି ଭାବେ ଯାଜପୁର ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଜିଲ୍ଲାପରିଷଦ ସଭ୍ୟ ଅରବନ୍ଦ ସାମଲ ଓ ଯତିନ୍ଦ୍ର ପ୍ରସାଦ ନାୟକ ଯୋଗଦେଇଥିଲେ । ଏହି ଅବସରରେ ଡ. ଶୁଭଶ୍ରୀ ଲେଙ୍କାଙ୍କୁ ସାହିତ୍ୟ ଦର୍ପଣ ପୁରସ୍କାର, କବି ପ୍ରସନ୍ନ ସ୍ୱାଇଁ, ଡ. ଜ୍ୟୋସ୍ନା ତ୍ରିପାଟୀ, ଡ. ସୁଚିତ୍ରା ରଥଙ୍କୁ ସାହିତ୍ୟ ଦର୍ପଣ ସମ୍ମାନ ପ୍ରଦାନ କରାଯାଇଥିଲା । ସେହିପରି ଶିଶୁରୋଗ ବିଶେଷଜ୍ଞ ସୁପ୍ରକାଶ ଶତପଥୀ, ଡ. ସଂଜୟ କୁମାର ରାୟ, ଜୟନ୍ତୀ ମିଶ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପତ୍ରିକାର ମୁଖ୍ୟ ସମ୍ପାଦକ ଅଧ୍ୟାପକ ତ୍ରିଲୋଚନ ରାଉତ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲା ବେଳେ ନରେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ସାହିତ୍ୟ ଖଟିରେ ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ସଭା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସାହିତ୍ୟ ଖଟି ଆନୁକୂଲ୍ୟରେ ସହରସ୍ଥ ତିନିମୁହାଣୀ ଧନୀଛକ ଠାରେ ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ନିରାଡମ୍ବର ଭାବେ ଅନୁଷ୍ଠିତ ଉତ୍ସବରେ କବି ପ୍ରେମାନନ୍ଦ ଖଣ୍ଡୁଆଲଙ୍କ କବିତା ସଂକଳନ "ସାତଭାୟା"ର ୨ୟ ସଂସ୍କରଣ ଉନ୍ମୋଚିତ ହେବା ସହିତ କବି ଡଃ. ଶ୍ରୀଧର ସାମଲ ଓ କବି ଅଧ୍ୟାପକ ବୃନ୍ଦାବନ ଦାସଙ୍କୁ ସାହିତ୍ୟ ପ୍ରତି ଥିବା ସେମାନଙ୍କର ବିଶେଷ ଅବଦାନ ପାଇଁ "ତାଳଧ୍ୱଜ ସମ୍ମାନ -୨୦୨୨"ରେ ସମ୍ମାନିତ କରାଯାଇଥିଲା । ଏହି ଉପଲକ୍ଷେ ଆୟୋଜିତ ସଭାରେ ମୌସୁମୀ ସାହିତ୍ୟ ସଂସଦ ସଭାପତି ପ୍ରଫେସର ନନ୍ଦ କିଶୋର ପରିଡା, ସମ୍ପାଦକ କବି ଡକ୍ଟର ଶ୍ରୀଧର ସାମଲ, କବି ଅଧ୍ୟାପକ ବୃନ୍ଦାବନ ଦାସ, ରାଜଶ୍ରୀର ସଭାପତି ଓ ମୌସୁମୀର ଉପଦେଷ୍ଟା ପରିବେଶବିତ କାଶୀନାଥ ରାଉତରାୟ, କବି ଗାଳ୍ପିକ ସୁରେନ୍ଦ୍ର କୁମାର ବେହେରା, କବି ପ୍ରେମାନନ୍ଦ ଖଣ୍ଡୁଆଳ, କବି ରଞ୍ଜନ ବାଇ ଓ ଧନେଶ୍ୱର ଦାସ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ଫୋରଡ ଗ୍ରାମରେ ବିଶ୍ୱଶାନ୍ତି ମହାଯଜ୍ଞ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଂସାର ପଞ୍ଚାୟତର ଫୋରଡ ଗ୍ରାମରେ ଶ୍ରୀ ଶ୍ରୀ ମହାବୀର ହନୁମାନଜୀଉଙ୍କ ପୀଠରେ ତିନଦିନ ବ୍ୟାପି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଙ୍କୁରାରୋପଣ, ଆରତୀ, ଗୋପୂଜା, ଘୃତ ଯଜ୍ଞ ପ୍ରଭୃତି ସମେତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସହସ୍ରାଧିକ ଭକ୍ତ ଓ ଶ୍ରଦ୍ଧାଳୁମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । କମିଟି ସଭାପତି ଲାଲୁ ପ୍ରସାଦ ଜେନା, ସମ୍ପାଦକ ରଞ୍ଜିତ ବାରିକ, ଉପସଭାପତି ସରୋଜରଞ୍ଜନ ଜେନା, ବବୁଲ କୁମାର ଜେନା, ବିଶ୍ୱଜିତ ଜେନା, ଦୀପକ କୁମାର ଜେନା, ଶରତ ଜେନା, ଅରିକ୍ଷୀତ ଜେନା, ଦିଲ୍ଲିପ ମୁଦୁଲି, ପ୍ରଦିପ କୁମାର ମୁଦୁଲି, ନିରଞ୍ଜନ ପରିଡା ପ୍ରମୁଖଙ୍କ ସହଯୋଗରେ ଏହି ବିଶ୍ୱଶାନ୍ତି ଯଜ୍ଞ କାର୍ଯ୍ୟ ଶୃଙ୍ଖଳାର ସହ ସମାପନ ହୋଇଯାଇଛି ।

## ଶ୍ରୀ ସତ୍ୟସାଇ ପୁନବସତୀ ଶିବିର ଓ ଆରାଧନା ଦିବସ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ପଣ୍ଡୁଆସ୍ଥିତ ସାଇ ଅରୋଗ୍ୟମ ପକ୍ଷରୁ ଶ୍ରୀ ସତ୍ୟସାଇ ପୁନବସତୀ ( ଏସଆରପି) ସେବା ଶିବିର ଓ ଆରାଧନା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଦିନ ପ୍ରାତଃ ସାଢ଼େ ଚାରିଟାରୁ ଓଂକାରମ ସୁପ୍ରଭାତମ, ନଗର ପରିକ୍ରମା, ବେଦପାଠ, ସାମୂହିକ ଭଜନ ପରିବେଷଣ, ଅଷ୍ଟୋତର ଶତନାମାବଳି ପାଠ, ପ୍ରଶାନ୍ତିଧ୍ୱଜା ଉତୋଳନ, ଶୋଡଷ ଉପଚାର ପୂଜା, ନାରାୟଣ ସେବା, ପ୍ରଜ୍ଞାନମ ବ୍ରହ୍ମ ପରେ କେନ୍ଦ୍ରାପଡା, ଯାଜପୁର, କଟକ, ଜଗତସିଂହପୁର ଓ ଆଠଗଡ ଅଂଚଳର ପ୍ରସାନ୍ତି ନିଳୟମସ୍ଥିତ ସୁପର ସ୍ପେସିଆଲିଷ୍ଟ ହସପିଟାଲ, ବାଙ୍ଗାଲୋର ହ୍ୱାଇଟଫିଲ୍ଡ ଓ ରାଜକୋଟରେ ଥିବା ଡାକ୍ତରଖାନାରେ ହୃଦରୋଗୀଙ୍କର ଭାଲବ ରିପ୍ଲେସମେଂଟ ଓ ପିଟିଆଇଏନଆର ନିଃଶୁଳ୍କ ପରୀକ୍ଷା କରାଯାଇ ଚିକିତ୍ସା କରାଯାଇଥିଲା । ଏହି ଶିବିରରେ ୨୧ ଜଣ ରୋଗୀ ସମେତ ଅନ୍ୟାନ୍ୟ ରୋଗର ଚିକିତ୍ସା କରାଯାଇଥିଲା । ଏଥିରେ ଜିଲ୍ଲା ସତ୍ୟସାଇ ସେବା ସଙ୍ଗଠନ ସଭାପତି ଡା. ନିଶିକାନ୍ତ କର, ରାଜ୍ୟ ସେବାସଙ୍ଗଠନ ଟେଲିମେଡିସିନର ସଂଯୋଜକ, ଚନ୍ଦନ କୁମାର ଦାସ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ପରାମର୍ଶ ଦେଇଥିଲେ । ସନ୍ଧ୍ୟା ଅଧିବେସନରେ ଜାରକାସ୍ଥିତ ସାଇ ମନ୍ଦିରରେ ସମୁହ ଦୀପଦାନ, ଏକମିନିଟ ନିରବ ପ୍ରାର୍ଥନା, ପ୍ରଦୀପ ପ୍ରଜ୍ୱଳନ, ଭଗବାନ ଶ୍ରୀ ପାଦପଦ୍ମରେ ପ୍ରେମ ଓ କୃତଜ୍ଞତା କାର୍ଡ ଅର୍ପଣ, ରାଜ୍ୟ ସଭାପତିଙ୍କ ଅଡିଓ ବାର୍ତା ସତସଙ୍ଗ ଏବଂ ଆରାଧନା ସଙ୍ଗୀତଗାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଆଧ୍ୟାତ୍ମିକ ସଂଯୋଜକ ନିରନ ଶର୍ମା, ସେବା ସଂଯୋଜକ ବିକ୍ରମ କୁମାର ମହାନ୍ତି, ପୁର୍ବତନ ଆବାହକ ଭଜନାନନ୍ଦ ସାମଲ, ପବିତ୍ର ମୋହନ ବିଶ୍ୱାଳ, ବଟକୃଷ୍ଣ ମଲିକ, ସୌରଭ ଜେନା, ଗୋବୋନ୍ଦ ଚନ୍ଦ୍ର ସାହୁ, ରନ କୁମାର ସାହୁ, ବାଲବିକାଶ ଗୁରୁମା ପ୍ରମୋଦିନୀ ସାମଲ, ନମିତା ଶର୍ମା ସମେତ ବରଜୁପୁର, ନିଶିମଲା ଭଜନମଣ୍ଡଳୀର ଭାଇ ଭଉଣୀମାନେ ପରିଚାଳନା କରିଥିବା ବେଳେ ଆବାହକ ସୁଶାନ୍ତ କୁମାର ନାୟକ କୃତଜ୍ଞତା ଜଣାଇଥିଲେ ।

## କେନ୍ଦ୍ରାପଡା କଲେଜ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କୁ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମାଇଁ ଏନସିସି ଆଲୁମିନି ଆସୋସିଏସନ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏନସିସି ଆଲୁମିନି ଆସୋସିଏସନ ସମ୍ପାଦକ ଚିନ୍ମୟ କୁମାର ବିଶ୍ୱାଳ, ଶ୍ରୀକାନ୍ତ ପୋଥାଳ, ଉମେଶ ଚନ୍ଦ୍ର ଜେନା, ଦେବକାନ୍ତ କର, ନିରାକାର ଖୁ[illegible]ଆ, ନିର୍ଲିପ୍ତ ସାହୁ, ଅନୁପ କୁମାର ରାଉତ, ସେକ୍ ରିଆଜଉଦ୍ଦିନ ଅହମଦ, ଦେବୀପ୍ରସନ୍ନ ସ୍ୱାଇଁ, ଦୀପ୍ତିମୟୀ ଦାସ, ପ୍ରୀତିପଦ୍ମା ଆଚାର୍ଯ୍ୟ, ସୁଚରିତା ପରିଡା, ପୂର୍ଣ୍ଣିମା ଜେନା ପ୍ରମୁଖ ଉପସ୍ଥିତ ରହି ଅଧ୍ୟକ୍ଷ ଡଃ. ତ୍ରିପାଠୀଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଫଟୋଚିତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରି ପ୍ରଭୁ ଶ୍ରୀବଳଦେବଜୀଉଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ପୌର ଅଧ୍ୟକ୍ଷଙ୍କୁ ଗିରଫ ଦାବିରେ ଧାରଣାରେ ସିପିଆଇ ନେତା

ଜୟପୁର , ୨୩।୫(ପି.ଏନ): କୋରାପୁଟ ଜିଲା ସିପିଆଇ ନେତା ସତ୍ୟ ବ୍ରତ ନନ୍ଦଙ୍କୁ ଗତ ଶୁକ୍ରବାର ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ମାଡ ମାରିଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି । ସତ୍ୟ ବ୍ରତଙ୍କ ଅଭିଯୋଗ କ୍ରମେ ଜୟପୁର ଟାଉନ ପୋଲିସ ମାମଲା ରୁଜୁ କରିଛି । ତୁରନ୍ତ ପୌର ଅଧ୍ୟକ୍ଷଙ୍କୁ ଗିରଫ କରିବା ଦାବୀରେ ସୋମବାର ଟାଉନ ଥାନା ସମ୍ମୁଖରେ ସତ୍ୟବ୍ରତ ଧାରଣାରେ ବସିଛନ୍ତି ।ସୂଚନା ଅନୁଯାୟୀ ଗତ ଶୁକ୍ରବାର ରାତ୍ର ରେ ପୌରପାଳିକା ପୋଲିସ, ପ୍ରଶାସନ ତରଫରୁ ଜୟପୁର ମୁଖ୍ୟ ରାସ୍ତାରେ ଟ୍ରାଫିକ ସମସ୍ୟାର ସମାଧାନ ପାଇ ଚଢାଉ କରାଯାଉଥିଲା। ରାସ୍ତା ଉପରେ ଗାଡି ରଖୁଥିବାରୁ ଜୋରି ମାନା ଆଦାୟ କରାଯାଇଥିଲା । ଏନେଇ ଶୁକ୍ରବାର ରାତିରେ ସତ୍ୟବ୍ରତ ନନ୍ଦ ଜୟପୁର ପୌରପାଳିକା କାର୍ଯ୍ୟାଳୟକୁ ଯାଇ ପୌର ନିବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ସାକ୍ଷାତ କରିଥିଲେ। ପରେ ଅଧ୍ୟକ୍ଷ ମହାନ୍ତି ସତ୍ୟ ବ୍ରତକୁ ମାଡ ମାରିବା ସହ ଗାଳି ଗୁଲଜ କରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି । ଅଭିଯୋଗ ଆଧାରରେ ୧୨୦/ ୨୨ରେ ମାମଲା ରୁଜୁ କରିଛି । ପୌର ଅଧ୍ୟକ୍ଷ ମହାନ୍ତି ବିରୁଦ୍ଧରେ ୩୪୧/ ୨୯୪/୩୨୩/ ଦଫାରେ ମାମଲା ରୁଜୁ ହୋଇଛି । ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ବିଷୟ ଏସଡିପିଓ ଅରୁପ ଅଭିଷେକ ବେହେରା ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଦଳର ଶୃଙ୍ଖଳାକୁ ନମାନିବା କାରଣରୁ କୋରାପୁଟ ଜିଲା ସିପିଆଇ ତରଫରୁ କୋରାପୁଟ ଜିଲା ସିପିଆଇର ସଭ୍ୟ ଓ ଯୁବ ଛାତ୍ର ଆବାହକ ପଦରୁ ୬ ମାସ ପାଇ ସତ୍ୟବ୍ରତ ନନ୍ଦଙ୍କୁ ନିଲମ୍ବନ କରିଥିବା ନେଇ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ ସୂଚନା ଦେଇଛନ୍ତି । ସିପିଆଇ ସାଧାରଣ ସଭ୍ୟ ଭାବେ ସତ୍ୟ ବ୍ରତ ନନ୍ଦଙ୍କୁ ପ୍ରାଥମିକ ସଭ୍ୟ ଭାବେ ଗ୍ରହଣ କରାଯାଇଥିଲା । ପରବର୍ତୀ ସମୟରେ ଛାତ୍ର ଓ ଯୁବକ ସଂଗଠିତ କରିବା ପାଇ ଦଳ ଦାୟିତ୍ୱ ଦେଇଥିଲା ଓ ଗତ ପୌର ନିବାଚନରେ ସିପିଆଇ ତରଫରୁ ଅଧ୍ୟକ୍ଷ ଭାବେ ନିବାଚନ ଲଢିଥିଲେ । କିନ୍ତୁ କେତେକ ସ୍ଥଳରେ ସତ୍ୟବ୍ରତ ଅତି ଔଧତ୍ୟପୁର୍ଣ୍ଣ ଆଚରଣ ପ୍ରଦର୍ଶନ କରୁଥିଲେ । ଯେଉଁଥିପାଇଁ ଦଳ ତରଫରୁ ଚେତାବନୀ ମଧ୍ୟ ଦିଆଯାଇଛି ଓ ଶୃଙ୍ଖଳିତ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଗତ ଶୁକ୍ରବାର ଖାଦ୍ୟର ମାନ ଯାଞ୍ଚ ଓ ଟ୍ରାଫିକ ବ୍ୟବସ୍ଥା ସୁଧାର ପାଇଁ ପୋଲିସ ବିଭାଗର ଅଧିକାରୀ ମାନେ ତନଖି କରୁଥିଲେ ଏବଂ କୋଲକତା ବଜାର ସମ୍ମୁଖରେ ରଖିଥିବା ଯାନର ମାଲିକ ଉପରେ ଜୋରିମାନା ପକାଯାଇଥିଲା । ଏନେଇ ନନ୍ଦ ପୌର ପରିଷଦକୁ ଯାଇଥିଲେ । ସେଠାରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରୁଥିଲେ ସେଠାରେ ପୌର ଅଧ୍ୟକ୍ଷ ମହାନ୍ତି ନନ୍ଦକୁ ମାଡ ମାରିଥିବା ଦଳ ସମ୍ମୁଖରେ ସୁଚନା ଦେଇଥିଲେ । ଏନେଇ ସତ୍ୟତାଜାଣିବା ପାଇ ସିପିଆଇର ନେତୃମଣ୍ଡଳି ପୌର କାଯ୍ୟନିବାହୀ ଅଧିକାରିଙ୍କୁ ସାକ୍ଷତ କରିଥିଲେ । ନନ୍ଦ ଦେଖାଇଥିବା ଦୁବ୍ୟବହାର ସମ୍ପର୍କରେ ପୌର କାଯ୍ୟନିବାହୀ ଅଧିକାରି ସୁଚନା ଦେଇଥିଲେ । ଦଳ ତରଫରୁ ନନ୍ଦଙ୍କୁ କୁହାଯାଇଥିଲା ଯେ ପୌର ଅଧ୍ୟକ୍ଷ ମହାନ୍ତି ଭୁବନେଶ୍ୱରରୁ ଫେରିବା ପରେ ପଦକ୍ଷେପ ନେବା ଓ ବର୍ତ୍ତମାନ ଏଫଆଇଆରକୁ ସ୍ଥଗିତ ରଖିବା । କିନ୍ତୁ ଦଳର ନିଷ୍ପତ୍ତି ନ ମାନି ଏଫଆରକୁ ଗଣ ମାଧ୍ୟମରେ ଦେଇ ଥାନା ଘେରାଉ କରିବା, ଥାନା ଆଗରେ ଧାରଣା ଦେବା କଥା ପ୍ରଚାର କଲେ । ଯାହାକୁ ସିପିଆଇ ଦଳର ବିରୁଦ୍ଧ । ନନ୍ଦକୁ କୁ ଜଣେ ପୌର ଅଧ୍ୟକ୍ଷ ମାଡ ମାରିବା ଏକ ଗୁରୁତର କଥା ଏହାକୁ ସିପିଆଇ ନିନ୍ଦା କରିଛି । ଓ ନିବାଚିତ ଲୋକ ପ୍ରତିନିଧିଙ୍କୁ ଦୁବ୍ୟବହାର କରିବା ମଧ୍ୟ ଗ୍ରହଣିୟ ନୁହେଁ । ଦଳର ଜଣେ କର୍ମୀ କୁ ଆକ୍ରମଣ ହୋଇଛି ଜାଣି ସେଥିରୁ ମୁହଁ ଫେରାଇ ନେବା ଏକଥା ମଧ୍ୟ ଦଳ ନିତି ନୁହେଁ । ଅନେକ ବାର ଏଭଳି ବ୍ୟକ୍ତିଗତ କାଯ୍ୟକଳାପ ଦେଖି ନନ୍ଦଙ୍କୁ ତାଗିତ କରିବା ସ୍ୱତ୍ତେ ସେ ନଶୁଣିବା ଏବଂ ସ୍ୱଇଛାରେ ଅନ୍ୟ ମାନଙ୍କ ଦ୍ୱାରା ପ୍ରେରିତ ହୋଇ କାଯ୍ୟ କରି ଚାଲିଥିବା ଦୃଷ୍ଟିରୁ ତାଙ୍କୁ ୬ ମାସ ପାଇଁ ନିଲମ୍ବନ କରାଯାଇଥିବା ଏକ ପ୍ରେସ ବିବୃତିରେ କୋରାପୁଟ ଜିଲା ସିପିଆଇର ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ ଗଣ ମାଧ୍ୟକୁ ସୁଚନା ଦେଇଛନ୍ତି ।

# ଧାମରା ବନ୍ଦର (ଆଦାନୀ) ବିରୁଦ୍ଧରେ କଂଗ୍ରେସର ଆନ୍ଦୋଳନ ଚେତାବନୀ

ଭଦ୍ରକ, ୨୩।୫(ପି.ଏନ): ଏହି ଜିଲାର ଧାମରା ବନ୍ଦର କର୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟକଳାପକୁ ନେଇ କଂଗ୍ରେସ ମହଲରେ ଆଲୋଡନ ସୃଷ୍ଟି ହେବା ସହ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହି ସମସ୍ୟାର ସମାଧାନ ୧୫ ଦିନ ମଧ୍ୟରେ ନହେଲେ ଆନ୍ଦୋଳନ କରାଯିବ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି। ଗତ ସପ୍ତାହରେ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ନେତା ଅମୀୟ କୁମାର ମହାପାତ୍ରଙ୍କ ଆବାହକତ୍ୱରେ ଏକ ଜରୁରୀ ବୈଠକ ବସିଥିଲା। ଏହି ବୈଠକରେ ଧାମରା ବନ୍ଦର(ଆଦାନୀ) ୨୦୧୮ ମସିହାରେ ଦ୍ୱିତୀୟ ପର୍ଯ୍ୟାୟ ସଂପ୍ରସାରଣ ପାଇଁ ହୋଇଥିବା ଜନଶୁଣାଣୀରେ ଦିଆଯାଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇନାହିଁ, ଯାହାଫଳରେ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି,ଯଥା କୋଇଲା ଗଚ୍ଛିତ ଓ ପରିବହନକୁ ନେଇ ବିଭିନ୍ନ ସମସ୍ୟା ଲାଗି ରହିଥିବା ବେଳେ ମନ୍ତେଇ ନଦୀର ଜଳକୁ ବିଶୋଧନ କରି ବ୍ୟବହାର କରିବା ବଦଳରେ ଧାମରା ବନ୍ଦର କର୍ତୃପକ୍ଷ ନିଜ ପରିସୀମା ଭିତରେ ଗଭୀର ନଳକୂପ ବସାଇବା ଫଳରେ ଧାମରା ଅଂଚଳରେ ଜଳସ୍ତର ନିମ୍ନଗାମୀ ହେଉଛି ଯାହାଫଳରେ ଶତାଧିକ ନଳକୂପ ଅଚଳ ହୋଇ ପଡିଛି। ସବୁଜବଳୟ ଯୋଜନା କାର୍ଯ୍ୟକାରୀ ନହେବା ଫଳରେ ବାୟୁ ପ୍ରଦୁଷଣ, ବନ୍ଦର କର୍ତୃପକ୍ଷ ଖୋଲିଥିବା ଡାକ୍ତରଖାନାରେ ଭିତିଭୂମି ଅଭାବ ଯୋଗୁଁ ଉପଯୁକ୍ତ ଚିକିତ୍ସାର ଅଭାବ ଯୋଗୁ ରୋଗୀ ମୃତ୍ୟୁ ମୁଖରେ ପଡିବା ଆଦି ମୁଖ୍ୟ ସମସ୍ୟା ହୋଇ ପଡିଛି। ଅନ୍ୟ ପକ୍ଷରେ ଧାମରା ଅଂଚଳରେ ଥିବା ୮ଟି ପଂଚାୟତର ଗ୍ରାମ୍ୟ ରାସ୍ତାକୁ ଜିଲ୍ଲା ମୁଳୟକୁ ସଂଯୋଗୀକରଣ ପାଇଁ ଦିଆଯାଇଥିବା ପ୍ରତିଶ୍ରୁତି ଠିକ ଭାବରେ ପାଳନ କରା ନଯିବା। ଦୀର୍ଘ ୬୩ କି.ମି ବ୍ୟାପୀ ରେଳରାସ୍ତା ଏବଂ ସଡକ ପଥରେ ଡ୍ରେନେଜ ବ୍ୟବସ୍ଥାକୁ ସୁଚାରୁରୂପେ କାର୍ଯ୍ୟକାରୀ କରାନଯିବାରୁ ଭଦ୍ରକ ଜିଲ୍ଲାବାସୀ ଜଳବନ୍ଦୀ ଜୀବନଯାପନ କରିବା ସହ ଚାଷୀମାନଙ୍କର ଆର୍ଥିକ ମାନଦଣ୍ଡ ଭୁଷୁଡି ପଡିବାକୁ ନେଇ ଜନଅସନ୍ତୋଷ ସୃଷ୍ଟି ହେଉଛି। ଧାମରା ବନ୍ଦରରେ ନିଯୁକ୍ତି କ୍ଷେତ୍ରରେ ପାତର ଅନ୍ତର ସୃଷ୍ଟି କରାଯିବା ସହ ଯୋଗ୍ୟତା ଭିତିରେ ନିଯୁକ୍ତି ଦିଆଯିବାକୁ କଂଗ୍ରେସ ଦଳ ନିଜର ଦାବୀ ଜଣାଇଛି। ମତ୍ସ୍ୟଜିବୀମାନଙ୍କ ପାଇଁ ଶୁଖୁଆ ଖଳା ପାଇଁ ଜାଗା ଦବୋର ପ୍ରତିଶ୍ରୁତି ପାଳନ ନକରିବା, ଅଂଚଳବାସୀଙ୍କ ପାଇଁ ଶ୍ମଶାନ, ଗୋଚର, ଗ୍ରାମ୍ୟ ଜଙ୍ଗଲ ବିନିମୟରେ ଅଣ୍ୟ କିସମର ଜାଗା ଯୋଗାଇ ଦେବା ଆଦି ପ୍ରହଶନ ପାଲଟିଛି। ଧାମରା ବନ୍ଦର କର୍ତୃପକ୍ଷ ତୁରନ୍ତ ନରସିଂହପ୍ରସାଦ ଠାରେ ଏକ ଓଭର ବ୍ରିଜ ନିର୍ମାଣ କରିବା ସହ ବନ୍ଦର ନିର୍ମାଣ ପୂର୍ବରୁ ନିଜର ଭିଟାମାଟି ଏବଂ ଜମି ହରାଇଥିବା ଲୋକମାନଙ୍କୁ ତୁରନ୍ତ ଏବଂ ଅଗ୍ରାଧିକାର ଭିତିରେ କର୍ମସଂସ୍ଥାନ ଯୋଗାଇ ଦେବା, ଦୈନିକ ମଜୁରିଆଙ୍କୁ ମଜୁରୀ ବୃଦ୍ଧି କରିବା ଏବଂ ଶେଷରେ ଏଲଏନଜି ପ୍ରକଳ୍ପରେ ସ୍ଥାନୀୟ ନିଯୁକ୍ତି ଦିଆଯିବାକୁ ଦାବୀ ଜଣାଇଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ଏହି ଦାବୀ ପାଳନ କରା ନଗଲେ କଂଗ୍ରେସ ଦଳ ପକ୍ଷରୁ ଧାମରା ବନ୍ଦର ଆଗରେ ଆନ୍ଦୋଳନ କରାଯିବ ବୋଲି ବ୍ଲକ କଂଗ୍ରେସ ନେତା ଅମୀୟ କୁମାର ମହାପାତ୍ର,ଦିଗମ୍ବର ଦାସ, ଉମେଶ ମହାକୁଡ,ସୁରେନ୍ଦ୍ର ଜେନା ଙ୍କ ସମେତ ବହୁ ବ୍ୟକ୍ତି ନିଜର ଦାବୀ ଜଣାଇଛନ୍ତି। ଆଜି ଏହି ଦାବୀପତ୍ରକୁ ଧାମରା ବନ୍ଦର କର୍ତୁପକ୍ଷ,ଭଦ୍ରକ ଜିଲ୍ଲାପାଳ,କେନ୍ଦ୍ରାଂଚଳ ଆୟୋଗଙ୍କୁ ଲିଖିତ ଭାବେ ଜଣାଇଦିଆଯାଇଛି।

# ଗଛରେ ପିଟିଲା ବୋଲେରୋ

ଘସିପୁର, ୨୩।୫(ପି.ଏନ): କେନ୍ଦୁଝର ଜିଲ୍ଲା ସିମାନ୍ତ ନଂ୫୩ ରାଜ୍ୟ ରାଜପଥ ଠାକୁରମୁଣ୍ଡା- ଆନନ୍ଦପୁର ରାସ୍ତାର ତରାମରା ନାଳ ପୋଲ ନିକଟରେ ଏକ ବରଯାତ୍ରୀ ନେଇ ଫେରୁଥିବା ବୋଲେରୋ ଗାଡିଟି ରାସ୍ତାକଡ ଗଛରେ ପିଟି ହୋଇ ଯିବାରୁ ଘଟଣା ସ୍ଥଳରେ ଦୁଇଜଣ ଙ୍କ ମୃତ୍ୟୁ ଘଟିଥିବା ବେଳେ ଗାଡି ଡ୍ରାଇଭର ଗୁରୁତର ଥିବାର ଜଣା ଯାଇଛି। ଅନ୍ୟ କେତେକ ଯାତ୍ରୀ ଆହତ ହୋଇଥିବାର ଜଣା ଯାଇଛି। ଦୁର୍ଘଟଣା ପରେ ସମସ୍ତଙ୍କୁ ରାତି ପ୍ରାୟ୩ଟା ବେଳେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ୨ ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ୨ ଜଣ ହେଲେ ଠାକୁରମୁଣ୍ଡା ବ୍ଲକ ଧାତିକିଡ଼ିହା ଗ୍ରାମପଂଚାୟତ ଗୋଡ଼ଭଙ୍ଗା ଗ୍ରାମର କ୍ଷେତ୍ରବାସୀ ମହାରଣା (୩୫),ଓ କୁଳମଣି ମହାରଣା (୫୫) ବୋଲି ଜଣାଯାଇଛି। ଗୁରୁତର ଥିବା ବୋଲେରୋ ଡ୍ରାଇଭର ସାତକୋଶିଆ ଗ୍ରାମର ପ୍ରଶାନ୍ତ କୁମାର ପତି ଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ କୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ ଗୋଡ଼ଭଙ୍ଗା ଗ୍ରାମରୁ ବର ନେଇ ବରଯାତ୍ରୀ ଦଳ ଶୁକ୍ଳି ବ୍ଲକ ଅନ୍ତର୍ଗତ ଭାଲିଆ ସାହିକୁ ଯାଇ ବାହାଘର ସାରି ବରଯାତ୍ରୀ ଦଳ ବୋଲେରୋ ଗାଡି ନଂ (ଓଡ଼ି ୦୨ ବିଡ଼ି ୬୨୭୨) ଯୋଗେ ଗୋଡ଼ଭଙ୍ଗା ଫେରୁଥିବା ସମୟରେ ରାତି ପ୍ରାୟ ୨ ଟା ସମୟରେ ଗଛରେ ପିଟି ହୋଇ ଗାଡି ଭିତରେ ଚାପି ହୋଇ ଜଣେ ଯାତ୍ରୀ ରହି ଯାଇଥିଲେ।ଖବର ପାଇ ଠାକୁରମୁଣ୍ଡା ଅଗ୍ନିଶମ ବିଭାଗ ଓ ପୋଲିସ ପହଂଚି ଚାପି ହୋଇ ରହି ଯାଇଥିବା ବ୍ୟକ୍ତି ଙ୍କୁ ଉଦ୍ଧାର ସହ ସମସ୍ତ ଯାତ୍ରୀ ଙ୍କୁ ଉଦ୍ଧାର କରି ସହ ଠାକୁରମୁଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ର ରେ ଆଣି ଭର୍ତ୍ତି କରିଥିଲେ। ତେବେ ଠାକୁରମୁଣ୍ଡା ପୋଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ପଠାଇଥିବା ଜଣାପଡିଛି।

## ଗଞ୍ଜାମ ଜିଲା ଶିବସେବକ ସଂଗଠନର ବାର୍ଷିକ ସମ୍ମିଳନୀ

ଗଞ୍ଜାମ, ୨୩।୫(ପି.ଏନ): ଗଞ୍ଜାମ ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ ଶିବସେବକ ରାଉଳ ମୁନୀ କୁଳ ଉନ୍ନୟନ ମହାସଂଘ ଦ୍ୱାରା ସହବନ୍ଧିତ ଶିବସେବକ ମୁନୀ ରାଉଳ ସଂଘ ଖାଲସା ତାଲୁକା (ଆସିକା )ର ବାର୍ଷିକ ସମ୍ମିଳନୀ ଜୟପୁର ଠାରେ ଗତକାଲି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାସଂଘର ସଭାପତି ରୁପେଶ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଭଗବାନ ମୁନୀ, ସାଧାରଣ ସମ୍ପାଦକ ଶରତ ରାଉଳ, କାର୍ଯ୍ୟକାରୀ ସମ୍ପାଦକ ଇଂ. ବିଚିତ୍ରାନନ୍ଦ ମୁନୀ, ଯୁଗ୍ମ ସମ୍ପାଦକ କାମରାଜୁ ମୁନୀ, ଉପସଭାପତି ସୁବାସ ଚନ୍ଦ୍ର ମୁନୀ, କୋଷାଧ୍ୟକ୍ଷ ଦୁର୍ଗାପ୍ରସାଦ ରାଉଳ ପ୍ରମୁଖ ବିଶିଷ୍ଟ ନେତୃବୃନ୍ଦ ଅତିଥି ଭାବେ ଯୋଗଦାନ କରି ସଂଗଠନକୁ ମଜଭୁତ କରିବା ସହ ସମାଜ କେମିତି ଶୃଙ୍ଖଳିତ ଓ ସଂସ୍କାରିତ ହୋଇପାରିବ ତାକୁ ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ତତସହିତ ଖାଲସା ତାଲୁକାର କର୍ମକର୍ତା ଚୟନ କରି ପରିଚାଳନା ସମିତି ଗଠନ କରାଯାଇଛି ।କାର୍ଯ୍ୟକ୍ରମରେ ମହାସଂଘ ଦ୍ୱାରା ସହବନ୍ଧନ ସ୍ୱୀକୃତି ପତ୍ର ପ୍ରଦାନ କରାଯାଇଥିଲା ଓ ପ୍ରତିଭାବାନ ବ୍ୟକ୍ତି ମାନଙ୍କୁ କୁଳରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଉପେନ୍ଦ୍ର ମୁନୀ ସଭାପତିତ୍ୱ କରିବା ସହିତ ଅନୁଷ୍ଠାନର ସମ୍ପାଦକ ପ୍ରସନ୍ନ ମୁନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଭଦ୍ରକ ଜିଲ୍ଲାସ୍ତରୀୟ ଯୋଗ ଅଲିମ୍ପିଆଡ ଉଦ୍‌ଘାଟିତ, ଯୋଗ ଜୀବନ ଆନନ୍ଦର ଏକ ଶ୍ରେଷ୍ଠ ମାଧ୍ୟମ

ଭଦ୍ରକ, ୨୩।୫(ପି.ଏନ): ବିନ୍ଦୁମାଧବ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ ଯୋଗ ଅଲିମ୍ପିଆଡ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ର ଯୋଗଦାନ କରି ଯୋଗ ଶିବିରକୁ ଉଦ୍‌ଘାଟନ କରି ଯୋଗ ଜୀବନ ଆନନ୍ଦର ଏକ ଶ୍ରେଷ୍ଠ ମାଧ୍ୟମ ବୋଲି ମତ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମାୟାଧର ସାହୁ ଯୋଗଦାନ କରି ଯୋଗ ଛାତ୍ରଛାତ୍ରୀମାନଙ୍କ ପାଇଁ ନିତ୍ୟାନ୍ତ ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସ୍କୁଲର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଚକ୍ରଧର ମଲ୍ଲିକ ଯୋଗଦାନ କରି ଯୋଗ ଉପରେ ମତ ରଖିଥିଲେ। ଶାରୀରିକ ଶିକ୍ଷା ନୀରିକ୍ଷକ ଶ୍ରୀ ରାଜେନ୍ଦ୍ର କୁମାର ବିଶ୍ୱାଳ ବିବରଣୀ ପାଠ କରିଥିଲେ। ବିନ୍ଦୁମାଧବ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ଯୋଗ ଶିବିରରେ ପୌରୋହିତ୍ୟ କରି ଯୋଗ ଛାତ୍ରଛାତ୍ରୀମାନଙ୍କ ପାଇଁ ଅବ୍ୟର୍ଥ ଔଷଧ ବୋଲି କହିଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ଶ୍ରୀ ହେମନ୍ତ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ସଙ୍ଗୀତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ରାଜେନ୍ଦ୍ର ନାୟକ, ପ୍ରଭାତ କୁମାର ଜେନା, ଅଶୋକ ପଣ୍ଡା, ଦେବାଶୀଷ ଆଚାର୍ଯ୍ୟ, ବିଜୟ ସାମଲ, ଅମୁଲ୍ୟ ମହାପାତ୍ର, ମାନସ ନାୟକ, ପବିତ୍ର ମୋହନ ଦାସ ଶିକ୍ଷୟିତ୍ରୀ ବିକଶି ସାହୁ, ସୁପ୍ରଭା ରାଉତ, ମାନସୀ ପ୍ରଧାନ ପ୍ରମୁଖ ବିଚାରକ ଭାବେ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ରାଜ୍ୟ ସ୍ତରକୁ ନିର୍ବାଚିତ କରିବାରେ ସାହାଯ୍ୟ କରିଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ଶ୍ରୀ ଜିତେନ୍ଦ୍ର କୁମାର ସାହୁ, ମନୋଜ ଶଙ୍ଖୁଆ, ଗିରିଜା ରମଣ ଜେନା, ଗଂଗାଧର ସେଠୀ, ପୟୋଧର ମହାଳିକ, ରାଜେନ୍ଦ୍ର ନାୟକ, ଦିଲ୍ଲିପ କୁମାର ରାଉତ ବ୍ଲକସ୍ତରୀୟ ସମ୍ପାଦକ ରୂପେ ପ୍ରତିନିଧିତ୍ୱ କରି ଶିବିରକୁ ସରସ ସୁନ୍ଦର କରିବାରେ ସାହାଯ୍ୟ କରିଥିଲେ। ଏହି ଯୋଗ ଶିବିରରେ ଭଦ୍ରକ ଜିଲ୍ଲାରୁ ୧୧୨ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗୀ ଭାବେ ଯୋଗଦାନ କରିଥିଲେ। ସେମାନଙ୍କ ମଧ୍ୟରୁ ୧୬ ପ୍ରତିଯୋଗୀ ରାଜ୍ୟସ୍ତରକୁ ନିର୍ବାଚିତ ହୋଇଥିଲେ। ନିର୍ବାଚିତ ପ୍ରତିଯୋଗୀମାନେ ମେ ମାସ ୨୮ ରୁ ୩୦ ତାରିଖ ମଧ୍ୟରେ ଭୁବନେଶ୍ୱରର ୟୁନିଟ-୩ କ୍ୟାପିଟାଲ ହାଇସ୍କୁଲରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଶ୍ରୀଯୁକ୍ତ ତପନ ମିଶ୍ରଙ୍କ ସହ ଜିଲ୍ଲାର ଅନେକ ଶାରୀରିକ ଶିକ୍ଷା ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗଦାନ କରି ପରିଚାଳନାରେ ସହଯୋଗ କରିଥିଲେ। ବିନ୍ଦୁମାଧବ ବାଗୁରାଇ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ରହି ଶିବିରକୁ ସାଫଲ୍ୟମଣ୍ଡିତ କରାଇଥିଲେ।

## ଅବହେଳିତ ରୋଗୀଙ୍କୁ ସ୍ୱଇଚ୍ଛାର ସହାୟତା

ସମ୍ବଲପୁର ,୨୩।୫(ପି.ଏନ): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ କଦଳିପାଳ ଗ୍ରାମର ଉଣ୍ଟୁ ନାୟକ ନାମକ ଜନୈକ ବ୍ୟକ୍ତି ଦୀର୍ଘ ଦିନ ଧରି କର୍କଟ ରୋଗରେ ଆକ୍ରାନ୍ତ ହୋଇ ଅତି ଦୟନୀୟ ଅବସ୍ଥାରେ ଘରେ ଦିନ କାଟୁଛନ୍ତି । ନିଜର ଅତି ରଗଣ ଆର୍ଥିକାବସ୍ଥା ଯୋଗୁଁ ନିଜର ଆବଶ୍ୟକୀୟ ଚିକିତ୍ସା କରିପାରୁନଥିବା ବେଳେ ପରିବାର ଚଳାଇବା ଚିନ୍ତାରେ ଭାଙ୍ଗିପଡି ଅତ୍ୟନ୍ତ ଅସହାୟ ଭାବେ ଅବସ୍ଥାରେ ଦିନ କାଟୁଛନ୍ତି । ଦିନକୁ ଦିନ ଉଣ୍ଟୁଙ୍କ ଅବସ୍ଥା ଖରାପ ହେଉଥିବା ଜାଣିବାକୁ ପାଇବା ପରେ ସମ୍ବଲପୁର ସହରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ''ସ୍ୱଇଚ୍ଛା'' ଟିମ ତାଙ୍କ ପାଖକୁ ଯାଇ ସାହାଯ୍ୟ ସହଯୋଗର ହାତ ବଢ଼ାଇଛି । ଉଣ୍ଟୁଙ୍କ ସମ୍ପର୍କରେ ମିଳିଥିବା ସୂଚନା ଆଧାରରେ ସ୍ୱଇଚ୍ଛା ସଦସ୍ୟ ସେଠାରେ ପହଂଚି ଦେଖିବାକୁ ପାଇଲେ, ଏକ ନିଛାଟିଆ ନିର୍ଜନ ଜଙ୍ଗଲ ମଝିରେ ଚାରିପଟେ କାନ୍ଥ ନଥିବା ଗୋଟେ ଘରର ଖଟରେ ଜୀବନ ବିତାଉଛନ୍ତି ଉଣ୍ଟୁ ନାୟକ ସାଙ୍ଗରେ ତାଙ୍କ ବୁଢ଼ୀ ମା ଓ ସ୍ତ୍ରୀ । ''ସ୍ୱଇଚ୍ଛା'' ପରିବାରର ସଦସ୍ୟମାନେ ପୀଡିତଙ୍କର ହାଲଚାଲ ବୁଝିବା ସହ ଗୋଟିଏ ମାସର ରାସନ ସାମଗ୍ରୀ ସହାୟତା ପ୍ରଦାନ କରିଥିଲେ । ଏଥିସହିତ ଭିଡ଼ିଓ କଲ ମାଧ୍ୟମରେ ଡାକ୍ତରଙ୍କ ସହ ପରାମର୍ଶ କରାଯାଇ ଆଗକୁ କେମିତି ଉଣ୍ଟୁଙ୍କୁ ଆବଶ୍ୟକୀୟ ଚିକିତ୍ସା କରାଯିବ ସେନେଇ ଭୁବନେଶ୍ୱରର ୟୁମିଡେନ୍ ସଂଗଠନର ମିଳିତ ଉଦ୍ୟମରେ ଚିକିତ୍ସାର ଦାୟୀତ୍ୱ ନିଆଯିବ ବୋଲି ସଂଗଠନ ପକ୍ଷରୁ ପ୍ରତିଶ୍ରୁତି ଦେଇଥିଲେ । ଜିଲ୍ଲାର ଏହି ଦୁର୍ଗମ ଅଂଚଳକୁ ଆସିଥିଲେ ''ସ୍ୱଇଚ୍ଛା'' ସଂଗଠନର ଆର୍ତତ୍ରାଣ ଶତପଥି, ଅନୁଜ ଜେନା, ଅନିତା ଦାସ, ସନ୍ଦୀପ ପଣ୍ଡା, ତନ୍ମୟ ମେହେର, ହରଦେବ ସାହୁ, କୁନାଲ ପଣ୍ଡା, ଅଜିତ ମହାନ୍ତି, ଅମିତ ହୋତା, ସତ୍ୟ ନାରାୟଣ ଦାସ ଓ ରଞ୍ଜନ ପ୍ରମୁଖ ।

# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିନିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସଟ୍ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।

# ଚିହ୍ନଟ ହେଲେ ନୂଆ ୬୭ ଆକ୍ରାନ୍ତ

ଭଦ୍ରକ, (ପିଏନ)- ଭଦ୍ରକ ଜିଲ୍ଲାରୁ ଆଜି ନୂଆ କରୋନା ଆକ୍ରାନ୍ତ ୬୭ଜଣ ଚିହ୍ନଟ ହୋଇଛନ୍ତି। ଜିଲ୍ଲାରୁ ମୋଟ ୧ ଲକ୍ଷ ୩୦୪୯ ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପହଂଚିଛି ୬୧୬୬ରେ। ତେବେ ଏମାନଙ୍କ ମଧ୍ୟରୁ ୫୫୯୧ଜଣ ସୁସ୍ଥ ହୋଇ ସାରିଛନ୍ତି। ଗତକାଲି ୧୧୪ ଜଣ ସୁସ୍ଥ ହେବା ପରେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଏବେ ମୋଟ ୫୬୦ଜଣ ଆକ୍ରାନ୍ତ ସକ୍ରିୟ ରହି ଚିକିତ୍ସିତ ହେଉଛନ୍ତି। ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତମାନେ ବାସୁଦେବପୁର ବ୍ଲକର ୨ଜଣ, ଭଦ୍ରକ ବ୍ଲକର ୪ଜଣ, ଭଦ୍ରକ ପୌରପାଳିକାର ୬ଜଣ, ବନ୍ତ ବ୍ଲକର ୧୯ଜଣ, ଭଣ୍ଡାରିପୋଖରୀ ବ୍ଲକର ୩ଜଣ, ଚାନ୍ଦବାଲି ବ୍ଲକର ଜଣେ, ଧାମନଗର ବ୍ଲକର ୨୬ଜଣ, ତିହିଡି ବ୍ଲକର ୬ଜଣ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ ନ୍ତପର୍ଯ୍ୟବେକ୍ଷକ' ୨୩ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ।

-ପ୍ରକାଶକ


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

# ଦି ଲିଟିଲ୍ ଆଞ୍ଜେଲ ସୋସିଆଲ ସର୍ଭିସ ଅର୍ଗାନାଇଜେସନର ଚତୁର୍ଥ ବାର୍ଷିକ ଉତ୍ସବ



ଯାଜପୁର୨୩/୫(ପି.ଏନ) : ଯାଜପୁର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠକ ଦି ଲିଟିଲ ଆଞ୍ଜେଲ ସୋସିଆଲ ସର୍ଭିସ ଅର୍ଗାନାଇଜେସନର ଚତୁର୍ଥ ବାର୍ଷିକ ଉତ୍ସବ ସ୍ଥାନୀୟ ବିରଜା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଅନୁଷ୍ଠାନର ସଭାପତି ବିଷ୍ଣୁ ଚରଣ ସୁତାରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଓ ଉଦ୍‌ଘାଟକ ଭାବେ ଯାଜପୁର ପୌରପାଳିକାର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ବିଶିଷ୍ଟ ଅତିଥିଭାବେ ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ସଭାପତି ହରିହର ସ୍ୱାଇଁ, ମୁଖ୍ୟ ବକ୍ତାଭାବେ ଆନ୍ତର୍ଜାତୀୟ ମହିଳା ପରିଷଦର ଅଧକ୍ଷା ଗୀତାଞ୍ଜଳି ମହାପାତ୍ର, ସମ୍ମାନୀୟ ଅତିଥିଭାବେ ମାନବାଧିକାରୀ କର୍ମୀ ଅଭିଜିତ ଦୀକ୍ଷିତ, ଯାଜପୁର ଥାନା ଅଧିକାରୀ ଅଜୟ କୁମାର ଜେନା, ବିରଜା ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ପାଢ଼ୀ, ଉପସଭାପତି ଅର୍ଣ୍ଣପୂର୍ଣ୍ଣା ଗୋଚ୍ଛାୟତ ପ୍ରମୁଖ ଯୋଗଦେଇ ସର୍ବପ୍ରଥମେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା'ବିରଜାଙ୍କ ଫୋଟୋରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନକରି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ପରେ ପରେ ଅତିଥି ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଉପଢ଼ୌକନ, ପୁଷ୍ପଗୁଚ୍ଛ ଓ ମା'ବିରଜା ଫଟୋ ଚିତ୍ର ଦେଇ ସମ୍ମାନିତ କରାଯାଇଅଛି। ଏହି ଅନୁଷ୍ଠାନର ସମ୍ପାଦକ ବିରଜା ପ୍ରସାଦ ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ସଂଗଠନ ପକ୍ଷରୁ କରାଯାଇଥିବା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମର ଏକ ଭିଡିଓ ବନ୍ଦେ ଉତ୍କଳ ଜନନୀ ଗୀତ ପରିବେଷିତ ଭିଡିଓ ପ୍ରସାରଣ କରାଯାଇଅଛି। ଅନୁଷ୍ଠାନ ପକ୍ଷରୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ପ୍ରତି ରବିବାର ଦିନ ରୋଗୀ ଓ ସମ୍ପର୍କୀୟ ମାନଙ୍କୁ ଖାଦ୍ୟ ବଣ୍ଟନ, ବୃକ୍ଷରୋପଣ, ରକ୍ତ ଦାନ ଭଳି ସାମଜରେ ରହୁଥିବା ଅବହେଳିତ ଲୋକଙ୍କୁ ସାହାଯ୍ୟ ସହଯୋଗ କରୁଥିବାରୁ ସମସ୍ତେ ସାଧୁବାଦ ଜଣାଇଥିଲେ। ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରେ ରହିଥିବା ସଂଗଠକର କାର୍ଯ୍ୟକର୍ତ୍ତାଙ୍କୁ ଡାକି ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରି ଅନୁଷ୍ଠାନ ମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ବହୁ ପ୍ରତିଭାବାନ କଳାକାର ତାଙ୍କର କଳା ଯଥା ଗୀତ, ନୃତ୍ୟ ଓ ସମାଜକୁ ବାର୍ତ୍ତା ଦେଉଥିବା ଅଭିନୟ କରି ଦର୍ଶକଙ୍କୁ ଉଦ୍‌ବୋଧ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମାଜସେବୀ ତଥା ଅଭିନେତା ଅଚ୍ୟୁତ ସ୍ୱାଇଁ ସଂଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହ ସମ୍ପାଦକ ପୁଷ୍ପାଞ୍ଜଳି ସ୍ୱାଇଁ, କୋଷାଧକ୍ଷ ମହେଶ୍ୱର ସାହୁ, ନିଗମାନନ୍ଦ ଜେନା, ରଜନୀକାନ୍ତ ଦାସ, ବିରଜା ପ୍ରସାଦ ରାଉତ, ଜଗବନ୍ଧୁ ଦେବତା, ସର୍ବେଶ୍ୱର ମୁଦୁଲି, ଲୋକା ଦେବତା, ଅନିଶା ପଣ୍ଡା, ସପ୍ତାଧି ପ୍ରିୟଦର୍ଶିନୀ ପଣ୍ଡା, ସନ୍ତୋଷ ସାହୁ, ଶୁଭରଞ୍ଜନ ପରିଡ଼ା, ରବୀନ୍ଦ୍ର ନାୟକ, ବିବେକ ବେହେରା, ଗୌରାଙ୍ଗ ପରିଡ଼ା, ଶୁକଦେବ ଦେବତା, କାଳିଆ ଭାଇ, ପ୍ରମୋଦ କୁମାର ସ୍ୱାଇଁ, ଦୀପ୍ତି ମହାପାତ୍ର, ବିଶ୍ୱଭୂଷଣ ଜେନା, ଜ୍ୟୋତି ପ୍ରକାଶ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରାଇଥିଲେ। ଶେଷରେ ଅନୁଷ୍ଠାନର କୋଷାଧକ୍ଷ ମହେଶ୍ୱର ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଧର୍ମଶାଳା ଥିଏଟରର ନୂତନ କର୍ମକର୍ତ୍ତା ନିର୍ବାଚନ

ଧର୍ମଶାଳା, ୨୩।୫(ପିଏନ୍): ଧର୍ମଶାଳା ଥିଏଟରର ସାଧାରଣ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ଜାରକାସ୍ଥିତ ଧର୍ମଶାଳା କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଧର୍ମଶାଳା ଅଂଚଳର କଳା, ସ୍ଥାପତ. ନାଟକ ଓ ଥିଏଟର ସମ୍ପର୍କରେ ଆଲୋଚନା କରାଯାଇଥିଲା । ପରେ ଥିଏଟରର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଥିରେ ସଭାପତି ଭାବେ ନାଟ୍ୟ ନିର୍ଦ୍ଦେଶକ ହରି ସାମନ୍ତ, ଉପସଭାପତି ଭାବେ ବିଭୁତି ଭୁଷଣ ପାଲ, ସମ୍ପାଦକ ଭାବେ ଡ. ଅଜୟ କୁମାର ମିଶ୍ର, ସହ ସମ୍ପାଦକ ଭାବେ ଅଧ୍ୟାପକ ମହେଶ୍ୱର ପାଢୀ, କୋଷାଧ୍ୟକ୍ଷ ଭାବେ ମଳୟ କୁମାର ସାମଲ ନିର୍ବାଚିତ ହୋଇଥିବା ବେଳେ ଉପଦେଷ୍ଟା ଭାବେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ପ୍ରେସ କ୍ଲବର ଉପଦେଷ୍ଟା ଇନ୍ଦ୍ରମଣି ନାୟକ ଓ ଶୁଶିଲ କୁମାର ମହାନ୍ତିଙ୍କୁ ମନୋନୀତ କରାଯାଇଛି ।

## ତାପଜ କୋଇଲା ରେକ ଖଲାସରେ ପାରାଦୀପ ବନ୍ଦରର ରେକର୍ଡ

ପାରାଦୀପ୨୩।୫(ପି.ଏନ): ପାରାଦୀପ ବନ୍ଦର ଗୋଟିଏ ଦିନରେ ୪୦ଟି ତାପଜ କୋଇଲା ବୋଝେଇ ରେଳ ରେକ ଖଲାସ କରି ରେକର୍ଡ ସୃଷ୍ଟି କରିଛି । ରବିବାର ଦିନ ୪୦ଟି ରେକରୁ ୩୦ଟି ବିଓବିଆରଏନ୍ ତାପଜ କୋଇଲା ରେକ ଏମସିଏଚପି ବର୍ଥରେ ଖାଲି ହୋଇଥିବା ବେଳେ ଜେଏସଡବ୍ଲ୍ୟୁ ଟର୍ମିନାଲରେ ୯ଟି ରେକ ଓ ଗୋଟିଏ ବିଓଏକ୍ସଏନ୍ ରେକ ମାନୁଆଲି ଖଲାସ ହୋଇଥିଲା । ତେବେ ବନ୍ଦରରେ ରେକର୍ଡ ତାପଜ କୋଇଲା ଖଲାସ ନିମନ୍ତେ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହରନାଦ କର୍ମଚାରୀ ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଇସିଆର୍ ଓ ଏମ୍‌ସିଏଲ ସଂସ୍ଥାକୁ ଧନ୍ୟବାଦ ଜଣାଇଛନ୍ତି । ସୂଚନା ଥାଉକି, ଦେଶରେ ତାପଜ କୋଇଲା ଅଭାବ ଓ ଏତଦ୍ ଜନିତ ବିଦ୍ୟୁତ ଶକ୍ତି ଯୋଗାଣରେ ବିଭ୍ରାଟକୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦରରେ ତାପଜ କୋଇଲା ପରିବହନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ନିକଟରେ କେନ୍ଦ୍ର ଶକ୍ତି ସଚିବ ଓ ଅତିରିକ୍ତ ସଚିବ ପାରାଦାପ ଗସ୍ତ କରି ଫେରିଛନ୍ତି ।

## ବେଆଇନ କଳାପଥର ଖନନ ଅଭିଯୋଗରେ ଜଣେ ଗିରଫ

ଧର୍ମଶାଳା, ୨୩।୫(ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ଅନ୍ତର୍ଗତ ବିଛାଖଣ୍ଡି କଳାପଥର ଖାଦାନରେ ବେଆଇନ ଭାବେ ଖନନ କରିବା ଅଭିଯୋଗରେ ପୁଲିସ ଜଣେ ଯୁବକକୁ ଗିରଫ କରିଛି । ବିଛାଖଣ୍ଡି କଳାପଥର ଖାଦାନରେ ବେଆଇନ ଭାବେ ଖନନ ହେଉଥିବା ସ୍ଥାନୀୟ ଗ୍ରାମବାସୀମାନେ ଧର୍ମଶାଳା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ । ଏସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ପାଇଁ ଧର୍ମଶାଳା ତହସିଲଦାର ଜେନାପୁର ଥାନାକୁ ଜଣାଇଥିଲେ । ଏନେଇ ଜେନାପୁର ପୁଲିସ ୧୪୦/୨୨ରେ ଏକ କେଶ ରୁଜୁ କରି ତଦନ୍ତ ଚଳାଇଥିଲା । ଚୋରରେ ଖନନ କରି ସ୍ଥାନୀୟ ଅଂଚଳରେ ଥିବା କ୍ରସରକୁ କଳପଥର ଯୋଗାଉଥିବା ଅଭିଯେଗରେ ପୋଲିସ ଏହି ଥାନା ତୋଟାକଣ ଗ୍ରାମର ମିହିର ଭଦ୍ର(୩୫)କୁ ସୋମବାର ଗିରଫ କରିଥିଲା । ଆଜି ଶ୍ରୀ ଭଦ୍ରକୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

## ପ୍ରଧାନଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଖୋର୍ଦ୍ଧା, ୨୩।୫(ପି.ଏନ): କାଇପଦର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ବଳିଆରସିଂହଙ୍କ ଅବସରକାଳୀନ ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲ୍ୟାଣୀ କୁମାରୀ ତ୍ରିପାଠଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ବଳିଆରସିଂହଙ୍କୁ ତାଂକର ଜୀବନବ୍ୟାପୀ ଶିକ୍ଷାଦାନ, ଶୃଙ୍ଖଳତା ଓ କର୍ତବ୍ୟପରାୟଣତା ପାଇଁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ନବ ନିଯୁକ୍ତ ପିସିସି ସଭାପତିଙ୍କୁ ସ୍ୱାଗତ

ଧର୍ମଶାଳା, ୨୩।୫(ପିଏନ୍): ଓଡିଶା ପ୍ରଦେଶ କଂଗ୍ରେସ କମିଟିର ନୂତନ ସଭାପତି ଶରତ ପଟ୍ଟନାୟକଙ୍କୁ ଧର୍ମଶାଳା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସ୍ୱାଗତ କରାଯାଇଛି । ଅଖିଳ ଭାରତ କଂଗ୍ରେସ କମିଟିର ସଭାନେତ୍ରୀ ସୋନିଆ ଗାନ୍ଧିଙ୍କ ଅନୁମୋଦନକ୍ରମେ ଶ୍ରୀ ପଟ୍ଟନାୟକଙ୍କୁ ଆଜି ଓଡିଶା ପ୍ରଦେଶ କମିଟିର ସଭାପତି ଭାବେ ନିଯୁକ୍ତି ଦିଆଯାଇଥିବାରୁ କଂଗ୍ରେସ କର୍ମୀ ମହଲରେ ଆନନ୍ଦ ପ୍ରକାଶ ପାଇଛି । ପୂର୍ବରୁ ଶ୍ରୀ ପଟ୍ଟନାୟକ ପିସିସି ସଭାପତି ଦାୟିତ୍ୱରେ ରହି ସୁଚାରୁ ରୂପେ ଦାୟିତ୍ୱ ତୁଲାଇ ଦଳୀୟ ଲୋକମାନଙ୍କର ଆସ୍ଥାଭାଜନ ହୋଇପାରିଥିଲେ । ଶ୍ରୀ ପଟ୍ଟନାୟକଙ୍କୁ ପୁଣି ଥରେ ପିସିସି ସଭାପତି ଦାୟିତ୍ୱ ମିଳିବା ପରେ ଧର୍ମଶାଳା ବ୍ଲକ କଂଗ୍ରେସ କମିଟି ସଭାପତି କିଶାନ ପଣ୍ଡା, କୃଷକ ନେତା ବସନ୍ତ ପରିଡା, ପ୍ରଫୁଲ୍ଲ ରାୟ, ନରୋତମ ନାୟକ, ଲକ୍ଷ୍ମଣ ଜେନା, ଦେବାଶିଷ ପରିଡା, କାର୍ତିକ ସାହୁ, ଅମରେନ୍ଦ୍ର ଜେନା, ଦୀପକ କୁମାର ବଳ, ଅର୍ଚ୍ଚନା ସେଠୀ, କବିତା ମଲିକ ଓ ମିଲି ମଲିକ ତାଙ୍କୁ ସ୍ୱାଗତ ଜଣାଇବା ସହ ଏଆଇସିସି ସଭାନେତ୍ରୀ ଶ୍ରୀମତୀ ଗାନ୍ଧିଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଘୋଷଣା ମୁତାବକ ମୃତ୍ୟୁ ପରେ ଚକ୍ଷୁଦାନ

ଧର୍ମଶାଳା, ୨୩।୫(ପିଏନ୍): ସାମାଜିକ କର୍ମୀ ରନ ରାଉଳ ନିଜ ଘୋଷଣା ଅନୁଯାୟୀ ମୃତ୍ୟୁ ପରେ ନିଜର ୨ଟି ଚକ୍ଷୁ ଦାନ କରଛନ୍ତି । ସ୍ୱର୍ଗତ ରାଉଳ ଜଣେ ସମାଜସେବୀ ଭାବେ କାର୍ଯ୍ୟ କରିଆସୁଥିବା ବେଳେ କିଛି ବର୍ଷ ପୁର୍ବେ ମୃତ୍ୟୁ ବେଳକୁ ଚକ୍ଷୁଦାନ କରିବାକୁ ଘୋଷଣା କରିଥିଲେ । ସୂଚନା ଯୋଗ୍ୟ ଧର୍ମଶାଳା ବ୍ଲକ ରଥିଆ ଗ୍ରାମର ସମାଜସେବୀ ଗଣନାଥ ନାୟକଙ୍କ ବଡପୁତ୍ର ରନ (୫୫)କୁ ତାଙ୍କ ମାମୁ ଉତରପ୍ରତାପ ଗ୍ରାମର ଚନ୍ଦ୍ରମଣି ରାଉଳ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିନେଇଥିଲେ । ସେଠାରେ ସେ ମାମୁଙ୍କ ପୁଅ ଭାବେ ସପରିବାର ରହୁଥିଲେ । ରନ ଦୀର୍ଘ ବର୍ଷ ଧରି ଭୁବନେଶ୍ୱର ସ୍ଥିତ ସାଂସଦ ତଥା କିଟର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ନିକଟରେ ରହି ସାମାଜିକ କାର୍ଯ୍ୟରେ ନିୟୋଜିତ ଥିଲେ । ତେବେ ଭୁବନେଶ୍ୱର ଠାରେ ସେ ନିଜ କାର୍ଯ୍ୟରେ ଥିବା ବେଳେ ହଠାତ ତାଙ୍କର ହୃଦଘାତ ହୋଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ କିମ୍ସ ହସପିଟାଲରେ ଭର୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁ ପରେ ଘୋଷଣା ମୁତାବକ ତାଙ୍କର ୨ଟି ଚକ୍ଷୁକୁ ଦାନ କରାଯାଇଥିଲା । ତାଙ୍କ ମୃତ୍ୟୁ ପରେ ଘରେ ଏବେ ବୃଦ୍ଧା ମଆ, ପତ୍ନୀ ଓ ୨ ଝିଅ ବେସାହାର ହୋଇପଡିଛନ୍ତି । ତାଙ୍କ ବିୟୋଗରେ ସାଂସଦ ଶ୍ରୀ ସାମନ୍ତ ଗଭୀର ଶୋକ ବ୍ୟକ୍ତ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ତାଙ୍କ ବିୟୋଗରେ ନିଜ ଗ୍ରାମରେ ଓ ସେ ପାଠପଢୁଥିବା ହାଇସ୍କୁଲରେ ଶୋକ ସଭା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ସ୍ରୀନାଥ ମିଶ୍ର, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା, ବିଜେପି ନେତା କାହ୍ନୁ ଚରଣ ଦାଶ, ବିଜେଡି ସଙ୍ଗଠକ ସରତ ନାୟକ, ସାନ ଭାଇ ଅଧ୍ୟାପକ ବିଜୟ କୁମାର ନାୟକ, ଅଧ୍ୟାପକ ପ୍ରଶାନ୍ତ ସାହୁ, ଭୁବନ ସରପଂଚ ଅକ୍ଷୟ ମହାନ୍ତି, ପୁର୍ବତନ ସରପଂଚ ସୁଧାଂଶୁ ସାହୁ, ବିକାଶ ବେହେରା, ନରୋତମ ନାୟକ, ଭଉଣୀ ଚିନ୍ମୟୀ ରାଉଳ, ସୂର୍ଯ୍ୟମଣି ରାଉଳ, ସରପଂଚ ନିମାଇ ମଲିକ, ଶିକ୍ଷକ ମାଗୁଣୀ ଚରଣ ପୃଷ୍ଟି, ପଦ୍ମଜା ଶରଣ, ପୁର୍ଣ୍ଣ ଚନ୍ଦ୍ର ତରାଇ, ସୟ ରାଉତ, ସ୍ୱପ୍ନା ରାଉଳ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଳି ଅର୍ପଣ କରିଥିଲେ ।

## ପରମାନନ୍ଦ ମହାବିଦ୍ୟାଳୟରେ ନୈତିକ ଓ ମୂଲ୍ୟବୋଧ ଶିକ୍ଷା

ଖୋର୍ଦ୍ଧା, ୨୩।୫(ପିଏନ):ରାଜ୍ୟ ସରକାରଙ୍କ ଉଚ୍ଚ ବିଭାଗର ପରାମର୍ଶ କ୍ରମେ ଉଚ୍ଚ ଶିକ୍ଷାନୁଷ୍ଠାନ ମାନଙ୍କରେ ଯୁବ ସଂସ୍କାର କାର୍ଯ୍ୟକ୍ରମକୁ ନୂତନ ରୂପେ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ କରାଯାଇଛି । ପ୍ରକାଶ ଥାଉ କି ଚଳିତ ମାସ ୨୫ ତାରିଖରୁ ଆରମ୍ଭ ହେବାକୁ ଥିବା +୩ ଶ୍ରେଣୀର ପ୍ରଥମ ବର୍ଷ ସେମିଷ୍ଟାର ପରିକ୍ଷାର୍ଥୀମାନେ ନୈତିକ ଓ ମୂଲ୍ୟବୋଧ ଭିତିକ ପ୍ରଶ୍ନପତ୍ରର ସମ୍ମୁଖିନ ହେବେ । ଏ ନେଇ ସୋମବାର ଦିନ ସମ୍ମିଳନୀ କକ୍ଷରେ ଆୟୋଜିତ ଯୁବ ସଂସ୍କାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ନୈତିକ ମୂଲ୍ୟବୋଧ ଭିତିକ ଶିକ୍ଷା ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପରମାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ । ପ୍ରାରମ୍ଭରେ ଯୁବ ଆଦର୍ସର ପ୍ରତୀକ ସ୍ୱାମୀ ବିବେକାନନ୍ଦଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା ।ପରେ ଛାତ୍ରଛାତ୍ରୀ ମାନେ ଯୁବ ସଂସ୍କାରଧର୍ମୀ ସଙ୍ଗୀତ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧ୍ୟାପକ କର୍ମୋଦୟ ଛୋଟରାୟ ଅତିଥି ପରିଚୟ ସହ କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ । ଏଥିରେ ଅନ୍ୟତମ ଓଡିଶାର ଅନ୍ୟତମ ବିଶିଷ୍ଟ ବାଗ୍ମୀ ତଥା ଆଧାତ୍ମଜ୍ଞାନ ପ୍ରଚାରକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପଯୁକ୍ତ ସଂସ୍କାର ହିଁ ଶିକ୍ଷାର୍ଥୀକୁ ସର୍ବୋତମ ସଫଳତା ପ୍ରାପ୍ତିରେ ସହାୟକ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଅତିଥିଙ୍କୁ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ପାଠ୍ୟକ୍ରମ ଅଧାରିତ ମୂଲ୍ୟବୋଧ ଭିତିକ ଚିତ୍ରନାଟ୍ୟ କଥାବସ୍ତୁକୁ ଦୃଶ୍ୟଶ୍ରାବ୍ୟ ଉପକରଣ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା । ଶେଷରେ ଅଧ୍ୟାପକ ଗାନ୍ଧୀ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଘନେଇଲା ପାରାଦୀପ ପୋର୍ଟ ବଣିକ ସଂଘ ବିବାଦ

ପାରାଦୀପ, ୨୨୩।୫(ପି.ଏନ): ନିର୍ବାଚନ କେନ୍ଦ୍ରାପଡ଼ା -ପାରାଦୀପ ବଡପଡିଆ ଠାରେ ଥିବା ପାରାଦୀପ ପୋର୍ଟ ବଣିକ ସଂଘରେ ବ୍ୟାପକ ଅନିୟମିତତା ନେଇ ଅଭିଯୋଗ କରିଛନ୍ତି ସଂଘର ପୂର୍ବତନ ସମ୍ପାଦକ ନିରଂଜନ ମହାନ୍ତି । ସଂଘର ଏବେ ସଭାପତି ଥିବା ସନ୍ତୋହ କୁମାର ପଟ୍ଟନାୟକ ଦୀର୍ଘ ୧୪ ବର୍ଷଧରି ସଂଘକୁ ବେନିୟମ ଭାବେ ସଭାପତି ରହି ଆସିଛନ୍ତି । ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ହେଉନଥିବା ନେଇ ଶ୍ରୀ ମହାନ୍ତି ସୋମବାର ଦିନ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଶ୍ରୀ ପଟ୍ଟନାୟକ ସଂଘର ବାଇ-ଲ କୁ ବେନିୟମ ଭାବେ ପରିବର୍ତନ କରି ସଭାପତି ଭାବେ ରହି ଆସିଛନ୍ତି । ସଂଘର ଆୟବ୍ୟୟର ହିସାବ ବ୍ୟବସାୟୀ ଭାଇମାନଙ୍କୁ ଦିଆଯାଉନାହିଁ । ଯଦି କେହି ପ୍ରତିବାଦ କରୁଛି ତାକୁ ଧମକ ଚମକ ଦିଆଯାଉଛି ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି । ସଂଘର ପ୍ରକୃତ ବାଇ-ଲ ହିସାବରେ ପ୍ରତି ଦୁଇ ବର୍ଷରେ ନିର୍ବାଚନ ହେବା କଥା ହେଲେ ସଭାପତି ଶ୍ରୀ ପଟ୍ଟନାୟକ କାରସାଦି କରି ଆଜୀବନ ସଭାପତି ରହିବାର ଯୋଜନା କରିଥିବାର ଅଭିଯୋଗ ହୋଇଛି । ବଣିକ ସଂଘର ନିର୍ବାଚନ ପାଇଁ ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ସ୍ଥାନରେ ଦାବୀ କରାଯାଇଛି । ଯଦି ଏଦିଗରେ ପ୍ରଶାସନ କୌଣସି ପଦକ୍ଷେପ ନ ନିଅନ୍ତି ତେବେ ଆଗାମୀ ଦିନରେ ବ୍ୟବସାୟୀମାନେ ଦୋକାନ ବନ୍ଦ କରି ଅନଶନ କରିବେ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦିଆଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବ୍ୟବସାୟୀ ବନମାଳି ସାହୁ,ଗୋଲେଖ ଚନ୍ଦ୍ର ସାହୁ, ପ୍ରକାଶ ଦାସ, ରଂଜନ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଅପରପକ୍ଷରେ ପୂର୍ବତନ ସମ୍ପାଦକ ନିରଂଜନ ମହାନ୍ତିଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି ବର୍ତମାନର ସମ୍ପାଦକ ଦେବବ୍ରତ ସାହୁ । ଶ୍ରୀ ସାହୁ କହିଛନ୍ତି ବଣିକ ସଂଘ ସହିତ ମୋର ପ୍ରାୟ ୨୦ ବର୍ଷର ସମ୍ପର୍କ, ଶ୍ରୀ ମହାନ୍ତି ୧୪ ବର୍ଷ ଧରି ସମ୍ପାଦକ ପଦବୀରେ ରହିଛନ୍ତି । ସେ କିପରି ସମ୍ପାଦକ ହୋଇଥିଲେ ନିର୍ବାଚିତ ନା ମନୋନୀତ ହୋଇ । ବଣିକ ସଂଘ ଏକ ସୁସ୍ଥ ଭାଇଚାରା ସହିତ ଚାଲିଆସୁଅଛି । ନିର୍ବାଚନ ହେଲେ ଭାଇଚାରା ନଷ୍ଟ ହେବ ଏହାକୁ ଦୃଷ୍ଟିରେ ରଖି ଆଜି ପର୍ଯ୍ୟନ୍ତ କେବେବି ନିର୍ବାଚନ ହୋଇନାହିଁ । ନିଜେ ମନୋନୀତ ସମ୍ପାଦକ ହୋଇ ନିର୍ବାଚନ କଥା କହିବା କେତେ ଯୁକ୍ତି ସଙ୍ଗତ । ଆଉ ଆର୍ଥିକ ଅନିୟମିତତା କଥା, ସମ୍ପାଦକ ଭାବେ ସେ ଦୀର୍ଘ ୩୦ ବର୍ଷ ହେବ ରହିଆସିଛନ୍ତି । ସେ କେବେ ସଭ୍ୟମାନଙ୍କୁ ହିସାବ ଦେଇଥିବ କାଇଁ ମୁଁ ଜାଣିନି । ଶ୍ରୀ ପଟ୍ଟନାୟକ ୧୪ ବର୍ଷ ସଭାପତି ଭାବେ କାର୍ଯ୍ୟ କରିବା ସମୟରେ ଶ୍ରୀ ମହାନ୍ତି ୧୨ ବର୍ଷ ସମ୍ପାଦକ ଭାବେ ଥିଲେ ସେ କେବେ କାହାକୁ ହିସାବ ଦେଇଛନ୍ତି ତାହା ସେ ଆଗେ ପ୍ରକାଶ କରନ୍ତୁ ବୋଲି ଦେବବ୍ରତ କହିଛନ୍ତି । ବଣିକ ସଂଘରେ ଏକ ସୁସ୍ଥ ପରମ୍ପରା ମଧ୍ୟରେ ଚାଲିଥିବା ବେଳେ ନିର୍ଦ୍ଦିଷ୍ଟ କିଛି କୁଚକ୍ରୀ ବ୍ୟକ୍ତି ସଂଘରେ ବିଭ୍ରାଟ ସୃଷ୍ଟି କରିବା ପାଇଁ ଅପଚେଷ୍ଟା କରୁଥିବା ନେଇ ଅଭିଯୋଗ କରିଛନ୍ତି ସମ୍ପାଦକ ଦେବବ୍ରତ ସାହୁ । ତେବେ ଆଗକୁ ବଣିକ ସଂଘର ଗତି କେଉଁ ଆଡକୁ ଯାଉଛି ଦେଖିବାକୁ ବାକି ରହିଲା।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V
Timing: 5 PM to 6.30 PM



MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray